ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK

ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.247 Bhubaneswar Tuesday November 22 2022 | ୨୫ତମ ବର୍ଷ ସଂଖ୍ୟା-୨୪୭ ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୨୨, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

# ଧରାପଡିଲା ବିଜେଡିର ମିଛ: ୨୪ ଘଣ୍ଟା ନପୂରୁଣୁ ଜବାବ ରଖିଲେ ରେଳମନ୍ତ୍ରୀ, ବର୍ଷିଲା ବିଜେପି




ଭୁବନେଶ୍ୱର, ୨୧।୧୧(ପି.ଏନ): ପଦ୍ମପୁର ଉପନିର୍ବାଚନକୁ ଦୃଷ୍ଟିରେ ରଖି ବରଗଡ-ନୂଆପଡା ରେଳଲାଇନ୍ ନିର୍ମାଣ ପ୍ରସଙ୍ଗରେ କେନ୍ଦ୍ରର ବିଜେପି ସରକାର ଉପରେ ଦୋଷ ଲଦି ରାଜନୀତିକ ଫାଇଦା ନେବାକୁ ଉଦ୍ୟମ କରିଥିବା ବିଜେଡିର ଉଦ୍ୟମ ଫସର ଫାଟିଛି । ବରଗଡ-ନୂଆପଡା ରେଳଲାଇନ୍ ଭାୟା ପଦ୍ମପୁର-ପାଇକମାଳ ପ୍ରକଳ୍ପ ନିର୍ମାଣ ପ୍ରସଙ୍ଗରେ ରାଜ୍ୟ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଗତକାଲି ଚିଠି ଲେଖି ଏହି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଅନୁରୋଧ କରିବାର ୨୪ଘଣ୍ଟା ନପୁରୁଣୁ ଓଡିଶା ସରକାର ଓ ଶାସକ ବିଜେଡିର ମିଛକୁ ନିଜେ ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ପଦାରେ ପକାଇଛନ୍ତି । ଏପଟେ ବରଗଡ ସାଂସଦ ସୁରେଶ ପୂଜାରୀ ମଧ ବିଜେଡିର ମିଛ ‘ ବାହା ନହୋଇ ପିଲାର ଏକୋଇଶିଆ ଉତ୍ସବ ପାଳିବା’ ଭଳି ବୋଲି କହିଛନ୍ତି ।ରାଜ୍ୟ ପରିବହନ ମନ୍ତ୍ରୀ ତଥା ବିଜେଡି ନେତ୍ରୀ ଟୁକୁନି ସାହୁ ଗତକାଲି ବରଗଡରୁ ନୂଆପଡା ଭାୟା ପଦମପୁର ଓ ପାଇକମାଳ ରେଳ ପ୍ରକଳ୍ପକୁ ଅନୁମୋଦନ ଦେବା ସହ ତୁରନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ ନିମନ୍ତେ ଇଂରାଜୀରେ ଚିଠି ଲେଖି ଅନୁରୋଧ କରିବା ପରେ କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ମାତ୍ର ୨୪ଘଣ୍ଟା ମଧ୍ୟରେ ଓଡିଆରେ ଏହାର ଜବାବ ରଖିଛନ୍ତି । ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି ଯେ, ପଦ୍ମପୁର ଦେଇ ବରଗଡ ଓ ନୂଆପଡା ମଧ୍ୟରେ ନୂଆ ରେଳଲାଇନକୁ ମଞ୍ଜୁର ସମ୍ବନ୍ଧରେ ଭାରତ ସରକାର ୨୦୨୧ ଡିସେମ୍ବର ୩୧ତାରିଖରେ ଓଡିଶା ସରକାରଙ୍କ ରେଳ ଭିତ୍ତିଭୂମି ବିକାଶ ଲିଃ (ଓଆରଆଇଡିଏଲ)କୁ ଚିଠି ଲେଖି ଉକ୍ତ ପ୍ରକଳ୍ପକୁ ନୀତିଗତ ଅନୁମୋଦନ ଦିଆଯାଇଥିବା ନେଇ ଅବଗତ କରାଇଥିଲେ । ଏହି ପ୍ରକଳ୍ପକୁ ଆଗକୁ ନେବା ପାଇଁ ଓଡିଶା ସରକାର(ଓଆରଆଇଡିଏଲ)କୁ ସର୍ଭେ?,ଯୋଜନା, ଆକଳନ ଓ ଜମି ଅଧିଗ୍ରହଣ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବାକୁ ପଡଇବ । ସର୍ଭେ? ଓ ଜମି ଅଧିଗ୍ରହଣ ସହ ଜଡିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଓଡିଶା ସରକାରଙ୍କୁ ରେଳ ମନ୍ତ୍ରଣାଳୟ ଅନୁରୋଧ କରିଛି । ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଭାରତ ସରକାର ଓଡିଶାରେ ରେଳ ବିକାଶ ପାଇଁ ୯୭୩୪କୋଟି ଟଙ୍କା ଆବଂଟନ କରିଛନ୍ତି । ୩୮ଟି ରେଳ ଷ୍ଟେସନ ମଧ ଓଡିଶାରେ ପୁନଃନିର୍ମାଣ କରାଯାଉଛି । ତେଣୁ ରାଜ୍ୟର ସାମଗ୍ରିକ ଲାଭ ପାଇଁ ଭାରତ ସରକାରଙ୍କ ପଦକ୍ଷେପକୁ ସମର୍ଥନ କରିବାକୁ ଶ୍ରୀ ବୈଷ୍ଣବ ତାଙ୍କ ଚିଠିରେ ରାଜ୍ୟ ପରିବହନ ମନ୍ତ୍ରୀ ଶ୍ରୀମତୀ ସାହୁଙ୍କୁ ପରାମର୍ଶ ଦେଇଛନ୍ତି ।ଏପଟେ ଆଜି ବରଗଡରେ ଏକ ସାମ୍ବାଦିକ ସମ୍ମିଳନୀ କରି ବରଗଡ ସାଂସଦ ସୁରେଶ ପୂଜାରୀ ଏହି ରେଳ ପ୍ରକଳ୍ପ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ପରିବହନ ମନ୍ତ୍ରୀଙ୍କ ତାହା ମିଛକୁ କଡା ସମାଲୋଚନା କରିଛନ୍ତି ।ସେ କହିଛନ୍ତି ଯେ, ସବୁବେଳେ ନିଜ ଦୋଷକୁ ଅନ୍ୟ ମୁଣ୍ଡରେ ଢାଳିବା ହେଉଛି ବିଜେଡି ସରକାରର ଏକ ପୁରୁଣା ଅଭ୍ୟାସ । ପଦମପୁର ଉପନିର୍ବାଚନରେ ପରାଜୟ ସୁନିଶ୍ଚିତ ବୋଲି ଜାଣିବା ପରେ ବିଜେଡି ଏବେ ଗୋଟିଏ ପରେ ଗୋଟିଏ ମିଛ କହି ଚାଲିଛନ୍ତି। ରାଜ୍ୟ ସରକାରଙ୍କ ଫସଲ ବୀମା ନାଟକର ପର୍ଦ୍ଦାଫାସ ପରେ ଏବେ ରେଳ ପ୍ରକଳ୍ପ ଘଟଣାରେ ମଧ ବିଜେଡିର ଆଉ ଏକ ମିଛର ପର୍ଦ୍ଦାଫାଶ ହୋଇଛି । କେନ୍ଦ୍ର ସରକାରଙ୍କର ରେଳ ମନ୍ତ୍ରଣାଳୟ ଦ୍ୱାରା ଯେଉଁ ରେଳ ପ୍ରକଳ୍ପ ପାଇଁ ଅନୁମୋଦନ ପାଖାପାଖି ୧୧ ମାସ ହେଲାଣି ମିଳିସାରିଛି ସେହି ରେଳ ପ୍ରକଳ୍ପ ଉପରେ ରାଜ୍ୟ ସରକାରଙ୍କ ମନ୍ତ୍ରୀ ଗତକାଲି ଚିଠି ଲେଖି ଅନୁମୋଦନ ପାଇଁ ଅନୁରୋଧ କରିଥିଲେ । ଏକ ଅନୁମୋଦିତ ପ୍ରକଳ୍ପ ବିଷୟରେ ରାଜ୍ୟ ସରକାରଙ୍କ ମନ୍ତ୍ରୀ ଟୁକୁନି ସାହୁ କେମିତି ଏତେ ଅଜ୍ଞ ଅଛନ୍ତି ଯେ ପୁଣି ଅନୁମୋଦନ ମାଗୁଛନ୍ତି ବୋଲି ଶ୍ରୀ ପୂଜାରୀ ପ୍ରଶ୍ନ କରିଛନ୍ତି।ଆଜି କେନ୍ଦ୍ର ରେଳ ମନ୍ତ୍ରୀ ଏନେଇ ରାଜ୍ୟ ମନ୍ତ୍ରୀ ଟୁକୁନି ସାହୁଙ୍କୁ ଚିଠି ଲେଖି ସ୍ପଷ୍ଟ କରିଛନ୍ତି ଯେ, ଏବେ ପ୍ରକଳ୍ପର ଅଗ୍ରଗତି ଅଟକିଛି ରାଜ୍ୟ ସରକାରଙ୍କ ପାଖରେ। ସେହି ପ୍ରକଳ୍ପ ପାଇଁ ଜମି ଦେବା ଦାୟିତ୍ୱ ହେଉଛି ରାଜ୍ୟ ସରକାରଙ୍କର । ପ୍ରକଳ୍ପକୁ ଅନୁମୋଦନ ମିଳିବାର ୧୧ ମାସ ଭିତରେ କେତେ ଜମି ରାଜ୍ୟ ସରକାର ଚିହ୍ନଟ କରିଛନ୍ତି ତାହା ଜଣାନ୍ତୁ ବୋଲି ସେ ପ୍ରଶ୍ନ କରିଛନ୍ତି । ସେହିପରି ବିଜେଡି ସାଂସଦ ସସ୍ମିତ ପାତ୍ର ଏବେ ରେଳମନ୍ତ୍ରୀ ଅଶ୍ୱନୀ ବୈଷ୍ଣବଙ୍କ ଚିଠି ପାଇବା ପରେ ନିଜ ମିଛକୁ ଲୁଚାଇବା ପାଇଁ ହଡବଡେଇ ଯାଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ୨୦୧୮ ମସିହାର ପୁରୁଣା ବକ୍ତବ୍ୟର ଅନ୍ୟ ଅର୍ଥ ବାହାର କରି ଲୋକମାନଙ୍କୁ ଭ୍ରମିତ କରୁଛନ୍ତି । ସାଂସଦ ଡ.ପାତ୍ର ପ୍ରଥମେ ମନ୍ତ୍ରୀ ଟୁକୁନି ସାହୁ ଲେଖିଥିବା ଚିଠିର ଜବାବ୍ ରଖନ୍ତୁ । ନଚେତ୍ ନିଜେ ସାଂସଦ ଡଃ ପାତ୍ର ଏବଂ ମନ୍ତ୍ରୀ ଟୁକୁନି ସାହୁ କ୍ଷମା ମାଗନ୍ତୁ ବୋଲି ଶ୍ରୀ ପୂଜାରୀ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପି ଖପାତ୍ର ମନୋଜ ମହାପାତ୍ର, ଅନିଲ ବିଶ୍ୱାଳ ଏବଂ ଜିଲ୍ଲା ସଭାପତି ଅଶ୍ୱିନୀ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।

## ପଦ୍ମପୁର ଉପନିର୍ବାଚନ ମଇଦାନରେ ୧୦ ଜଣ ପ୍ରାର୍ଥୀ

ଭୁବନେଶ୍ୱର, ୨୧।୧୧(ପି.ଏନ): ବରଗଡ଼ ଜିଲ୍ଲା ପଦମ୍ପୁର ବିଧାନସଭା ଉପନିର୍ବାଚନରେ ମୋଟ ୧୦ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରିବେ। ସୋମବାର ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ ଥିବା ବେଳେ ଏହି ସୂଚନା ଦେଇଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ।ପଦମ୍ପୁର ବିଧାନସଭା ଉପନର୍ବାଚନ ପାଇଁ ସର୍ବମୋଟ ୧୩ ଜଣ ପ୍ରାର୍ଥୀ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିଥିଲେ ଓ ନାମାଙ୍କନ ପତ୍ର ଯାଂଚ ବେଳେ ୨ ଜଣଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଥିଲା। ଅବଶିଷ୍ଟ ୧୧ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ଆଜି ନାମାଙ୍କନ ପତ୍ର ପତ୍ୟାହାରର ଶେଷ ଦିନରେ ଜଣେ ପ୍ରାର୍ଥୀ ତାଙ୍କର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାରୁ ଅବଶିଷ୍ଟ ୧୦ ଜଣ ପ୍ରାର୍ଥୀ ଉପନିର୍ବାଚନ ଲଢ଼ିବେ। ଏଥର ପଦମ୍ପୁର ଉପନିର୍ବାଚନରେ ଭୋଟଗ୍ରହଣ ସକାଳ ୭ଟାରୁ ଆରମ୍ଭ ହୋଇ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ଚାଲିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ।ଦୃଷ୍ଟିବାଧିତ ଭୋଟରମାନଙ୍କ ପାଇଁ ବ୍ରେଲି ବାଲାଟ ପେପରର ସୁବିଧା କରାଯାଇଛି ଓ ୮୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ଭୋଟର ଏବଂ ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ପୋଷ୍ଟାଲ ବାଲାଟ ମାଧ୍ୟମରେ ଭୋଟଗ୍ରହଣର ସୁବିଧା କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଜଣାଇଛନ୍ତି । ପଦମ୍ପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ସମୁଦାୟ ୨୫୭୪୭୪ ଜଣ ଭୋଟର ୩୧୯ ଗୋଟି ବୁଥ୍ ରେ ସେମାନଙ୍କର ମତଦାନ ସାବ୍ୟସ୍ତ କରିବେ। ସେଥି ମଧ୍ୟରୁ ୧୨୯୪୯୭ ଜଣ ପୁରୁଷ ଭୋଟର, ୧୨୭୯୬୫ ଜଣ ମହିଳା ଭୋଟର, ୧୨ ଜଣ ତୃତୀୟ ଲିଙ୍ଗ ଭୋଟର ଏବଂ ୧୯୯ ଜଣ ସର୍ଭିସ୍ ଭୋଟର ଆସନ୍ତା ଡିସେମ୍ବର ୫ ତାରିଖ ଦିନ ୩୧୯ ଗୋଟି ବୁଥ୍ ରେ ମତଦାନ କରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ପଦମ୍ପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୭୪ ଗୋଟି ବୁଥ୍ କୁ ଆଜି ଉତେଜନାପ୍ରବଣ ଓ ୭୮ ଗୋଟି ବୁଥ୍ କୁ ସମ୍ବେଦନଶୀଳ ବୁଥ୍ ଭାବେ ଚିହ୍ନଟ କରାଯାଇଥିବାବେଳେ ୦୯ କମ୍ପାନୀ (ସିପିଏଫ୍?) ସେଣ୍ଟ୍ରାଲ ପାରାମିଲିଟାରୀ ଫୋର୍ସ ମୁତୟନ ହେବା ସହ ୪୧ ପ୍ଲାଟୁନ୍ ରାଜ୍ୟ ପୋଲିସ ବଳଙ୍କୁ ବ୍ୟାପକ ସୁରକ୍ଷା ଦୃଷ୍ଟିରୁ ମୁତୟନ କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଜଣାଇଛନ୍ତି । ଏଥିରୁ ୧୬୦ ଗୋଟି ବୁଥ୍?ରେ ୱେବ୍ କାଷ୍ଟିଂ କରାଯିବା ସହ ଉତ୍ତେଜନାପ୍ରବଣ ବୁଥ୍ ଗୁଡ଼ିକରେ ୯୮ ଜଣ ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ଭାରତ ନିର୍ବାଚନ ଆୟୋଗଙ୍କ ତରଫରୁ ସାଧାରଣ ପର୍ଯ୍ୟବେକ୍ଷକ ଭାବେ ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ମାନବେନ୍ଦ୍ର ପ୍ରତାପ ସିଂହ (୯୦୪୦୨୮୩୯୪୯) ବ୍ୟୟ ପର୍ଯ୍ୟବେକ୍ଷକ ଭାବେ ଭାରତୀୟ ରାଜସ୍ୱ ସେବାର ବରିଷ୍ଠ ଅଧିକାରୀ ଡି.ଏମ୍. ରାମପ୍ରସାଦ ଗୁପ୍ତା (୬୩୭୨୪୪୧୨୧୦) ଏବଂ ପୁଲିସ ପର୍ଯ୍ୟବେକ୍ଷକ ଭାବେ ବରିଷ୍ଠ ଭାରତୀୟ ପୋଲିସ ସେବା ଅଧିକାରୀ ହେମନ୍ତ ଚୌହାନ (୯୦୪୦୨ ୮୩୯୩୬)ଙ୍କୁ ନିଯୁକ୍ତ କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଲୋହାନୀ ଜଣାଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ଓ ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଡେମୋଗ୍ରାଫିକ ଡିଭାଇଡେଣ୍ଡର ଲାଭ ଉଠାଇବା ପାଇଁ ସମସ୍ତଙ୍କୁ ସମାନ ସୁଯୋଗ ପ୍ରଦାନ କରିବାକୁ ହେବ- ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୧।୧୧(ପି.ଏନ): ଡେମୋଗ୍ରାଫିକ ଡିଭାଇଡେଣ୍ଡର ଲାଭ ଉଠାଇବା ପାଇଁ ସମସ୍ତଙ୍କୁ ସମାନ ସୁଯୋଗ ପ୍ରଦାନ କରିବାକୁ ହେବ । ସବୁପ୍ରକାର ପରମ୍ପରାଗତ, ଅଣପରମ୍ପରାଗତ ଏବଂ ଅଭିଜ୍ଞତା ଆଧାରିତ ଜ୍ଞାନ ଭଣ୍ଡାରର ଚିହ୍ନଟ, ମୂଲ୍ୟାଙ୍କନ ଏବଂ ଔପଚାରିକ ଭାବେ ଏହି ଲକ୍ଷ୍ୟ ହାସଲ କରାଯାଇପାରିବ । ସୋମବାର ଆଇଆଇଟି ଦିଲ୍ଲୀ ଠାରେ ନ୍ୟାସନାଲ କ୍ରେଡିଟ୍ ଫ୍ରେମୱାର୍କ (ଏନସିଆରଏଫ)ର ଖସଡା ଉପରେ ‘ଷ୍ଟେକହୋଲଡର ପରାମର୍ଶ’ର କାର୍ଯ୍ୟକ୍ରମରେ ଯୋଗଦେଇ ଏହା କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଉଦବୋଧନ ଦେଇଛନ୍ତି ଯେ ଜ୍ଞାନ, କୌଶଳ ଓ ରୋଜଗାର ମଧ୍ୟରେ ଥିବା ପ୍ରତିବନ୍ଧକକୁ ଦୂର କରିବା ପାଇଁ ଜାତୀୟ ଶିକ୍ଷା ନୀତିର କ୍ରେଡିଟ୍ ଫ୍ରେମୱାର୍କ ଏକ ବିଶ୍ୱସ୍ତରୀୟ କଳ୍ପନା । ଏନସିଆରଏଫ ଆମକୁ ଜ୍ଞାନ ଏବଂ କୌଶଳର ବିଭିନ୍ନ ଦିଗକୁ ଚିହ୍ନଟ କରିବା ପାଇଁ ସୁଯୋଗ ପ୍ରଦାନ କରିବ । ଜୀବନବ୍ୟାପୀ ଶିକ୍ଷା ଓ ଦକ୍ଷତା ବିକାଶ ପାଇଁ ନୂଆ ସମ୍ଭାବନା ତିଆରି କରିବ । ଏନସିଆରଏଫ ମୁଣ୍ଡ ପିଛା ଉତ୍ପାଦନ ବୃଦ୍ଧି କରିବ, ସମସ୍ତଙ୍କୁ ସଶକ୍ତ କରିବ ଏବଂ ଏହି ଶତାବ୍ଦୀର ନେତୃତ୍ୱ ନେବା ଦିଗରେ ଭାରତ ପାଇଁ ଏକ ସୁଦୃଢ଼ ମୂଳଦୁଆ ପକାଇବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।ସେହିପରି

## ଓଡିଆ କାରିଗରଙ୍କ ଯାଦୁରେ ଚମକୁଛି ଫିଫା ବିଶ୍ୱକପ୍ ଷ୍ଟାଡିୟମ

ପଟ୍ଟାମୁଣ୍ଡାଇ, ୨୧।୧୨(ପି.ଏନ): ଫୁଟ୍‌ବଲ ମହାକୁମ୍ଭ ‘ଫିଫା ବିଶ୍ୱକପ୍’ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ ରବିବାର ଆରମ୍ଭ ହୋଇଛି। କତାରରେ ଚାଲିଥିବା ଏହି ମହାକୁମ୍ଭ ଡିସେମ୍ବର ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୩୨ଟି ଦେଶର ଖେଳାଳି ମୋଟ ୬୪ଟି ମ୍ୟାଚ୍ ଖେଳିବେ। କିନ୍ତୁ ଏହି ମହାକୁମ୍ଭରେ ଭାଗ ନେବାକୁ ସୁଯୋଗ ପାଇନି ଭାରତ। ହେଲେ ‘ଫିଫା ବିଶ୍ୱକପ୍’ ପାଇଁ ଚର୍ଚ୍ଚାରେ ରହିଛି ଓଡିଶା। ପଡିଆ ନିର୍ମାଣରେ ରହିଛି ଭାରତୀୟ ତଥା ଓଡିଆ କାରିଗରଙ୍କ ଯାଦୁ। କେନ୍ଦ୍ରାପଡାର ପ୍ଲମ୍ବର, ଫିଟର, ଫୋରମ୍ୟାନ୍ ପ୍ରମୁଖ ଷ୍ଟାଡିୟମ୍ ନିର୍ମାଣରେ ନିୟୋଜିତ ହୋଇଥିବା ଜଣାପଡିଛି। ଫିଫା ବିଶ୍ୱକପ୍ ପାଇଁ ଷ୍ଟାଡିୟମ୍ ନିର୍ମାଣ କାର୍ଯ୍ୟ ୨୦୧୦ ମସିହା ପରଠୁ ଆରମ୍ଭ ହୋଇଥିଲା। ପଟ୍ଟାମୁଣ୍ଡାଇ ବ୍ଲକ୍‌ର ଇମିଗ୍ରେସନ୍ କନ୍‌ସଲଟାଣ୍ଟ୍ ସଂସ୍ଥା କତାରରେ ଷ୍ଟାଡିୟମ୍ ନିର୍ମାଣ କାର୍ଯ୍ୟରେ ନିୟୋଜିତ କାରିଗରଙ୍କ ଭିସା ଓ ବିଦେଶ ଯାତ୍ରା ସଂକ୍ରାନ୍ତ ଅନ୍ୟାନ୍ୟ ପ୍ରମାଣପତ୍ର ଯୋଗାଡ କରିଥିଲା। ଏହାଛଡା ସେଠାରେ ପହଞ୍ଚିବାର ସମସ୍ତ ବନ୍ଦୋବସ୍ତ ମଧ କରିଥିଲା ।ପଟ୍ଟାମୁଣ୍ଡାଇ ବ୍ଲକ୍ ଖଡିପାଳ



ଗାଁର ବିଶ୍ୱନାଥ ମହାଳିକ ୨୦୧୪ ମସିହାରୁ କାତାରରେ ଏକ ନିର୍ମାଣକାରୀ କମ୍ପାନୀରେ କାମ କରୁଛନ୍ତି। ଯେଉଁ କମ୍ପାନୀ କାତାରରେ ଲୁସାଇଲ୍ ଷ୍ଟାଡିୟମ୍ ନିର୍ମାଣ କରୁଥିଲା। ଏଥିପାଇଁ ଆବଶ୍ୟକ ହେଉଥିବା କାରିଗରଙ୍କୁ ଶ୍ରୀ ମହାଳିକ କେନ୍ଦ୍ରାପଡା ଜିଲ୍ଲାରୁ ନେଇଥିଲେ।ସେ ପ୍ରାୟ ୪୦୦ ପ୍ଲମ୍ବର, ଫିଟର, ଫୋରମ୍ୟାନଙ୍କୁ ନେଇଥିଲେ। ଏମାନେ ସମସ୍ତେ ଲୁସାଇଲ ଷ୍ଟାଡିୟମ୍ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଏମାନଙ୍କ ହାତ ସ୍ପର୍ଶରେ ଆଜି କତାରର ସବୁଠୁ ବଡ ଷ୍ଟାଡିୟମ୍ ଖେଳ ପାଇଁ ପ୍ରସ୍ତୁତ ହୋଇପାରିଛି। ଜିଲ୍ଲାର ଅନ୍ୟ ପ୍ଲମ୍ବର, ଫିଟର ଓ ଇଲେକ୍ଟ୍ରିଶିଆନ୍ ନବନିର୍ମିତ ଷ୍ଟାଡିୟମର ପରିଚାଳନା ଓ ଅନ୍ୟ ଅଟ୍ଟାଳିକା ନିର୍ମାଣ କାମରେ ନିୟୋଜିତ ହୋଇଥିଲେ। ତେବେ ଏଭଳି ଏକ ବଡ଼ ଷ୍ଟାଡିୟମ ନିର୍ମାଣ କାର୍ଯ୍ୟରେ ସାମିଲ ହୋଇଥିବାରୁ ଖୁସି ବ୍ୟକ୍ତ କରିଛନ୍ତି କାରିଗର। ଶିଳ୍ପବିହୀନ କେନ୍ଦ୍ରାପଡା ଜିଲ୍ଲାର ପାଣିପାଇପ୍ ମିସ୍ତ୍ରି ଓ କାରିଗରଙ୍କର ଦେଶ ଏବଂ ବିଦେଶରେ ବେଶ୍ ଚାହିଦା ରହିଛି। କତାରରେ ଫିଫା ବିଶ୍ୱକପ୍ ହେବା ନେଇ ଘୋଷଣା ପରେ ଏହି ଜିଲ୍ଲାର ଅନେକ କାରିଗରଙ୍କୁ ନୂଆ ରୋଜଗାର ଆଣିଦେଇଥିଲା। କେନ୍ଦ୍ରାପଡା ଅଞ୍ଚଳର ଶହ ଶହ ପିଲା କତାରରେ ନିର୍ମାଣ ହୋଇଥିବା ଷ୍ଟାଡିୟମରେ ନିଖୁଣ କାମ କରିଥିବାରୁ ପରିବାର ଲୋକେ ଓ ସ୍ଥାନୀୟ ଅଞ୍ଚଳ ଗର୍ବିତ ହୋଇଛନ୍ତି।

## ବିଧାନସଭାରେ ଭିଡିଓ କନଫରେସିଂ ଦ୍ୱାରା ବିଧାୟକମାନେ ଭାଗ ନେବା ବ୍ୟବସ୍ଥାକୁ ବିଜେପିର ବିରୋଧ

ଭୁବନେଶ୍ୱର, ୨୧।୧୧(ପି.ଏନ): ସର୍ବଦଳୀୟ ବୈଠକରେ ବିଧାନସଭାରେ ଭିଡିଓ କନଫରେସିଂ ଦ୍ୱାରା ବିଧାୟକମାନେ ଭାଗ ନେବା ବ୍ୟବସ୍ଥାକୁ ଭାରତୀୟ ଜନତା ପାର୍ଟି ବିରୋଧ କରିଛି । ମୁଖ୍ୟମନ୍ତ୍ରୀ କିପରି ବିଧାନସଭା ନ ଆସିବେ ସେଥିପାଇଁ ସରକାରଙ୍କ ପକ୍ଷରୁ ଏପରି ବ୍ୟବସ୍ଥା କରାଯାଉଛି ବୋଲି ବିରୋଧୀ ଦଳର ନେତା ଜୟ ନାରାୟଣ ମିଶ୍ର ପ୍ରକାଶ କରିଛନ୍ତି ।ସେ କହିଛନ୍ତି ଯେ ବିଧାୟକମାନେ ବିଧାନସଭା ଗାରିମା ରକ୍ଷା କରିବା ପାଇଁ ବିଧାନସଭାରେ ଆସି ବସନ୍ତୁ ବୋଲି ସେ ଦାବି କରିଛନ୍ତି । ସେ କହିଛନ୍ତି ଦେଶର ସଂସଦ ଠାରୁ ଆରମ୍ଭ କରି ଅନ୍ୟ କୌଣସି ରାଜ୍ୟର ବିଧାନସଭାରେ ଏହାର ନିଦର୍ଶନ ନାହିଁ ବୋଲି ସେ କହିଛନ୍ତି ।ସେ ଆହୁରି କହିଛନ୍ତି ଯେ ମୁଲତବୀ ପ୍ରସ୍ତାବ ସବୁବେଳେ ମୁଖ୍ୟ ବିରୋଧୀ ଦଳ ହିଁ ଦେଇଥାଏ ।

## ରାଜଧାନୀରେ ଗର୍ଜିଲେ ଅଙ୍ଗନୱାଡ଼ି ଦିଦି, ରାଜ୍ୟ ସରକାରଙ୍କୁ ଦେଲେ ଚ୍ୟାଲେଞ୍ଜ



ଭୁବନେଶ୍ୱର, ୨୧।୧୧(ପି.ଏନ): ରାଜଧାନୀର ଛାତି ଉପରେ ରବିବାର ଗର୍ଜିଥିଲେ ମାଷ୍ଟର। ଆଜି ରଣହୁଙ୍କାର ଦେଖାଇଛନ୍ତି ଅଙ୍ଗନୱାଡି ଦିଦି। ଆଉ ରାଜ୍ୟ ସରକାରଙ୍କୁ ଦେଇଛନ୍ତି ସିଧାସଳଖ ଚେତାବନୀ। ଅହରାତ୍ର ଧାରଣା ଦେଇଛନ୍ତି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଧାରଣାରୁ ଉଠିବୁ ନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇ ଦେଇଛନ୍ତି। ଯାହାକୁ ନେଇ ଅଡୁଆରେ ପଡିଛନ୍ତି ରାଜ୍ୟ ସରକାର ।ସରକାରୀ କର୍ମଚାରୀର ମାନ୍ୟତା, ମାସକୁ ୫ହଜାର ପେନସନ, ମୃତ୍ୟୁ ଘଟିଲେ ପରିବରର ଜଣଙ୍କୁ ଚାକିରି ସହ ୫ ଲକ୍ଷ କ୍ଷତିପୂରଣ। ଏମିତି ୮ଦଫା ଦାବିରେ ଆଜି ଲୋୟର ପିଏମ୍?ଜିରେ ଗର୍ଜିଛନ୍ତି ହଜାର ହଜାର ଅଙ୍ଗନୱାଡ଼ି କର୍ମୀ। ଏଥିରେ ପାଖାପାଖି ୫୦ ହଜାରରୁ ଅଧିକ ଅଙ୍ଗନୱାଡ଼ି କର୍ମଚାରୀ ସାମିଲ ହୋଇଥିଲେ। ନିଜର ହକ ପାଇଁ ବିଧାନସଭା ଆଗରେ ଧାରଣା ଦେଇଛନ୍ତି। ଚାକିରିରୁ ବହିଷ୍କାର ପାଇଁ ଡର ନାହିଁ କହି ରାଜ୍ୟ ସରକାରଙ୍କୁ ମଧ ଦେଇଛନ୍ତି ଖୋଲା ଆହ୍ୱାନ। ଦାବି

## ଶୀତ ଅଧିବେଶନ ପୂର୍ବରୁ ସର୍ବଦଳୀୟ ବୈଠକ

ବିଧାନସଭା ଶୀତ ଅଧିବେଶନ ପାଇଁ ଭିଡ କଟକଣା ଉଠିଲା ଗୃହକାର୍ଯ୍ୟ ଅବଧି ୧ ଘଂଟା ବୃଦ୍ଧି ପାଇଁ ନିଷ୍ପତି

ଭୁବନେଶ୍ୱର, ୨୧।୧୧(ପି.ଏନ): ଆଗାମୀ ନଭେମ୍ବର ୨୪ ତାରିଖରୁ ହେବାକୁ ଥିବା ଓଡିଶା ବିଧାନସଭାର ଶୀତକାଳୀନ ଅଧିବେଶନ ବିନା କୋବିଡ କଟକଣାରେ ଅନୁଷ୍ଠିତ ହେବ । ସେହିପରି ଗୃହକାର୍ଯ୍ୟର ଅବଧି ମଧ ଏକ ଘଂଟା ପାଇଁ ବୃଦ୍ଧି ହେବ । ବିଧାନସଭାର ଶୀତକାଳୀନ ଅଧିବେଶନକୁ ସୁଚାରୁ ରୂପେ ପରିଚାଳନା କରିବାକୁ ଆଜି ବିଧାନସଭାରେ ଆୟୋଜିତ ସର୍ବଦଳୀୟ ବୈଠକ ପରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଏହି ସୂଚନା ଦେଇଛନ୍ତି ।ସେ କହିଛନ୍ତି ଯେ ଆଗାମୀ ବିଧାନସଭା ଅଧିବେଶନ ବେଳେ କୋବିଡ କଟକଣାକୁ ହଟାଇ ନିଆ ଯାଇଛି । ବିଧାୟକ ମାନେ ସେମାନଙ୍କର ନିର୍ଧାରିତ ଆସନରେ ବସି ପାରିବେ । ସେହିପରି ପ୍ରେସ ଗ୍ୟାଲେରୀରେ ସାମ୍ବାଦିକ ମାନେ ଯାଇ ଖବର ସଂଗ୍ରହ କରି ପାରିବେ ।

## ୧୦୦ ବର୍ଷର ବିଦ୍ୟାଳୟ, ୧୦ ବର୍ଷରୁ ଅଧିକ ସମୟ ଧରି କାମଚଳା ପ୍ରଧାନ ଶିକ୍ଷକରେ ଚାଲିଛି

ରାଉରକେଲା, ୨୧।୧୧(ପି.ଏନ): ରାଉରକେଲା ସହରର ପ୍ରବେଶ ସ୍ଥଳରେ ରହିଛି ପାନପୋଷ ବସ୍ତି। ଏଠାରେ ଥିବା ପାନପୋଷ ସରକାରୀ ଉଚ୍ଚ ବିଦ୍ୟାଳୟକୁ ୧୦୦ ବର୍ଷ ପୁରିଲାଣି, ହେଲେ ଦିର୍ଘ ୧୦ ବର୍ଷରୁ ଅଧିକ ସମୟ ଧରି ଏହି ସରକାରୀ ବିଦ୍ୟାଳୟରେ ନିୟମିତ ପ୍ରଧାନ ଶିକ୍ଷକ ବଦଳରେ କାମଚଳା ପ୍ରଧାନ ଶିକ୍ଷକରେ କାମ ଚାଲିଛି। ୨ ଜଣ ପ୍ରଧାନଶିକ୍ଷକ ଏଠାକୁ ଆସିଥିଲେ ବି ସେମାନଙ୍କୁ ଅନ୍ୟତ୍ର ପଠାଯାଇ ଜଣେ କନିଷ୍ଠ ଶିକ୍ଷୟତ୍ରୀଙ୍କୁ ଦାୟିତ୍ୱରେ ରଖାଯାଇଛି। ଫଳରେ ଶିକ୍ଷା ବ୍ୟବସ୍ଥା ଠାରୁ ଆରମ୍ଭ କରି ଛାତ୍ରଛାତ୍ରୀ ମାନଙ୍କ ସୁରକ୍ଷାକୁ ନେଇ ନାନା ପ୍ରଶ୍ନ ଉଠିବା ସହ ଏହି ବିଦ୍ୟାଳୟରେ ପ୍ରଶାସନିକ ବ୍ୟବସ୍ଥା ଭୁଷୁଡି ଏହାର ସୁନାମକୁ ନଷ୍ଟ କରିବାରେ ଲାଗିଛି । ତେଣୁ ଫାଇଭ-ଟି ବ୍ୟବସ୍ଥା ଭିତରେ ଥିବା ଶିକ୍ଷା ବ୍ୟବସ୍ଥାକୁ କିଭଳି ସୁନ୍ଦରଗଡ ଜିଲ୍ଲାରେ ପରିଚାଳନା କରାଯାଉଛି ତାହାର ଏହା ଏକ ନମୁନା ବୋଲି କୁହାଯାଉଛି ।ସୁନ୍ଦରଗଡ ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥା ସବୁବେଳେ ପୌରାଂଚଳ ଗୁଡିକରେ ଠିକ ଚାଲିଥାଏ କାରଣ ଏଠାରେ ରହିଥିବା ଅଧିକାରୀ ମାନଙ୍କର ନଜର ପ୍ରାୟ ବିଦ୍ୟାଳୟ ଗୁଡିକ ଉପରେ ସବୁବେଳେ ରହିଥାଏ । ଏହି ବିଦ୍ୟାଳୟରେ ଦିର୍ଘ ଦିନ ଧରି ପ୍ରଧାନ ଶିକ୍ଷକ ପଦବୀ କାମଚଳାରେ ଚାଲିଛି । ପୂର୍ବରୁ ଥିବା ବଳ ନାମକ କାମଚଳା ପ୍ରଧାନ ଶିକ୍ଷୟତ୍ରୀ ଦିର୍ଘ ଦିନ କାମଚଳା ଭାବେ ରହିଥିଲେ। ସେ ପାନପୋଷ ବାସିନ୍ଦା ଥିଲେ, ତାଙ୍କ ବିରୋଧରେ ସେ ସମୟରେ ଏହିଭଳି ନାନା ଅଭିଯୋଗ ହେଉଥିବା ବେଳେ ସେ ସବୁବେଳେ କହୁଥିଲେ ସରକାରୀ ଦଳ ତାଙ୍କ ପଛରେ, ଓକିଲ ତାଙ୍କ ପାଖରେ ଅଛନ୍ତି, ତେଣୁ ସେ ଯାହା ବି କଲେ ସମସ୍ତେ ନିରବ ଥିଲେ । ଏହିଭଳି ମନମାନି ଭିତରେ ସେ ଜଣେ ଗରୀବ ଛାତ୍ରୀଙ୍କର ଦଶମ ଶ୍ରେଣୀ ଫର୍ମ ଫିଲପ ମଧ କଲେ ନାହିଁ, ପିଲାଟି ପରୀକ୍ଷା ଦେବାରୁ ବଂଚିତ ହୋଇ କାନ୍ଦିବାରୁ ତାର ଅଭିବାବକ ବିଦ୍ୟାଳୟକୁ ଆସିଥିଲେ, ହେଲେ ତାଙ୍କୁ ବୁଝାଇ ଦିଆଗଲା ବ୍ୟସ୍ତ ହୁଅନି ପରୀକ୍ଷା ଦେବ ତମ ଝିଅ । ଏକଥା ସେ ସମୟରେ ଥିବା ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣଙ୍କ ପାଖରେ ପହଁଚିଥିଲା, ସେ ଉଦ୍ୟମ କରି ପିଲାଟିକୁ ପରୀକ୍ଷା ଦେବାରେ ସାହାଯ୍ୟ କରିଥିଲେ । ପରେ ସଂପୃକ୍ତ ପ୍ରଧାନ ଶିକ୍ଷୟତ୍ରୀଙ୍କୁ ନିଲମ୍ବିତ କରିବା ସହ ଅନ୍ୟତ୍ର ବଦଳି ମଧ କରିଥିଲେ ଜିଲ୍ଲାପାଳ, କିନ୍ତୁ ତାଙ୍କ ସମୟରେ ଆସିଥିବା ସରକାରୀ ଅର୍ଥକୁ ନେଇ ନାନା କଥା କୁହାଯାଉଥିଲେ ବି ତାର ଆଦି ଅନ୍ତ ମିଳିଲା ନାହିଁ ।ଖାଲି ସେତିକି ନୁହେଁ ଜଣେ ୭ମ ଶ୍ରେଣୀ ଛାତ୍ରୀଙ୍କୁ ତାଙ୍କ ଘରେ ତାଙ୍କ ବାପା ଦେଉଥିବା ନିର୍ଯ୍ୟାତନାକୁ ନେଇ ଛାତ୍ରୀ ଜଣକ ଦିନେ ଘରକୁ ନଯାଇ କାନ୍ଦିବା ଘଟଣାରେ ଶିକ୍ଷକ ମାନେ ହସ୍ତକ୍ଷେପ କରିଥିଲେ ପରେ ଜଣେ ନାରୀ ନେତ୍ରୀ ସେଥିରେ ହସ୍ତକ୍ଷେପ କଲେ ଓ କିଛି ଶିକ୍ଷୟତ୍ରୀ ମାନେ ସାକ୍ଷୀ ପଡିବାରୁ ଝିଅଟି ନ୍ୟାୟ ପାଇଲା ଓ ଅଭିଯୁକ୍ତକୁ ଆଜୀବନ ସଜା ହେଲା । ଏ ସମସ୍ତ କାରବାର ଜାଣି ମଧ ସେ ସମୟର ବିଇଓ ଡିଇଓ ତଥା ଅନ୍ୟ ବାବୁ ମାନେ ନୀରବ ରହିଥିଲେ । ତାପରେ ଆଶା କରାଯାଉଥିଲା ଏଠାରେ ଜଣେ ନିୟମିତ ପ୍ରଧାନ ଶିକ୍ଷୟତ୍ରୀ /ଶିକ୍ଷକ ରହିବେ ଓ ଦିର୍ଘ ଦିନରୁ ଥିବା ସମସ୍ୟାର ସମାଧାନ ହେବ, କିନ୍ତୁ ହେଲାନି ମାଡାମଙ୍କ ସମୟରେ ଆସିଥିବା ପଇସା ପତ୍ର ଆଦିର ହିସାବ ପତ୍ରକୁ ନେଇ ଅନେକ ଡରିଲେ କେହି ଆସିବାକୁ ରାଜି ହେଲେନି, ସିନିଅର ଶିକ୍ଷକ ଥିବା ସତ୍ୱେ ସେହି ବିଦ୍ୟାଳୟରେ କାମକରୁଥିବା କନିଷ୍ଠ ଶିକ୍ଷୟତ୍ରୀ ପ୍ରତିଭା ସ୍ୱାଇଁଙ୍କୁ ସେହି ଦାୟିତ୍ୱରେ ରଖାଗଲା । ସେ ମଧ ସେହି ପାନପୋଷ ବାସିନ୍ଦା । ତା ଭିତରେ ହାଇସ୍କୁଲ ଓ ପ୍ରାଇମେରୀ ସ୍କୁଲକୁ ମିଶାଇ ଗୋଟାଏ ସ୍କୁଲ କରାଯାଇ ସାରିଥିଲା । ଏତେ ବଡ ବିଦ୍ୟାଳୟ, ୫୦୦ ପିଲା, ନାନା ସମସ୍ୟା ଏଠାରେ ରହୁଛି, ସେ ଦିଗକୁ କେହି ନଦେଖି ଜଣେ କନିଷ୍ଠଙ୍କୁ ଦାୟିତ୍ୱରେ ରଖାଜିବା, ପ୍ରଧାନ ଶିକ୍ଷକ ମାନେ ବଦଳି ହୋଇ ଏଠାକୁ ଆସିବା ପରେ ପୁଣି ତାଙ୍କୁ ପଠାଇ ଦିଆଜିବା ପଛରେ କାହାର ଉଦ୍ଦେଶ୍ୟ ସାଧନ ହେଉଛି ତାକୁ ନେଇ ଏବେ ଆଲୋଚନା ଆରମ୍ଭ ହୋଇଛି । ତେବେ ବର୍ତମାନ ଥିବା କାମଚଳା ପ୍ରଧାନ ଶିକ୍ଷୟତ୍ରୀ ଜଣେ ଭଲ ଇଁରାଜୀ ଶିକ୍ଷକ, ସେ ପିଲା ମାନଙ୍କୁ ପଢାଇପାରୁନାହାନ୍ତି । ବିଦ୍ୟାଳୟରେ କିରାଣୀ କାମ ସହ କେତେବେଳେ ବିଧାୟକ ଆସିବେ, ଆଉସବୁ କଣ କର୍ଯ୍ୟକ୍ରମ ହେବ ଓ ସୁନ୍ଦରଗଡ ଯିବା ଭିତରେ ସେ ବ୍ୟସ୍ତ ରହୁଥିବାରୁ ଏଠାରେ ଶିକ୍ଷା ବ୍ୟବସ୍ଥା ବାଟବଣା ହେବାରେ ଲାଗିଛି । ପ୍ରାଇମେରୀ ଓ ହାଇସ୍କୁଲ ଏକ୍ ହେବା ପରେ ମଧ ପ୍ରାଇମେରୀ ହାଇସ୍କୁଲ ନେଇ ମତପାର୍ଥକ୍ୟ ଏଠାରେ ରହିଛି। ପ୍ରାଇମେରୀ ଶିକ୍ଷକ ଅନୁପସ୍ଥିତ ଥିଲେ ହାଇସ୍କୁଲ ଶିକ୍ଷକ ପ୍ରାଇମେରୀକୁ ଯିବା ଲାଗି ନାରାଜ। ଏହାକୁ ସମାଧାନ କରାଯାଇପାରୁନି। ହାଇସ୍କୁଲ ପିଲା ମାନେ ଶିକ୍ଷକ ନଥିବା ବେଳେ ବାହାରେ ବୁଲିବା, ଶିକ୍ଷକ ମାନଙ୍କ ପାଇଖାନାରେ ଫିନାଇଲ ବ୍ୟବହାର ହେଉଥିବା ବେଳେ ପିଲାମାନଙ୍କ ପାଇଖାନାରେ ପାଣି ଅଭାବ ସାଙ୍ଗକୁ ଫିନାଇଲ ନପଡି ଦୁର୍ଗନ୍ଧ ସୃଷ୍ଟିହେବା। ଏହାଦ୍ୱାରା ପିଲା ମାନେ ସଂକ୍ରମଣର ଶିକାର ହେବା ଭଳି ସ୍ଥିତିକୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି ।ଏହିଭଳି ନାନା ସମସ୍ୟା ଭିତରେ ଶିକ୍ଷକ ମାନେ ତାଙ୍କ କାମ କରିଚାଲିଥିବା ବେଳେ ନିକଟରେ ଜିଲ୍ଲାପାଳ ବିଦ୍ୟାଳୟ ପରିଦର୍ଶନରେ ଆସିବାର କୌଣସି ସଠିକ ସମୟ ନଦେଇ ସକାଳ ୬ଟା ୩୦ରେ ଯାଇଥିବା ପ୍ରାଇମେରୀ ଶିକ୍ଷୟତ୍ରୀ ମାନଙ୍କୁ ୧୧ଟା୩୦ ଜାଗାରେ ଭୋକ ଓପାସରେ ଦିନ ୪ଟା୩୦ ଯାଏ ଅଟକାଇବା, ରାତିଯାଏ ଅଟକାଇବାକୁ ବାଧ କରିବା, ଭୋକ ସହି ନପାରି ଶିକ୍ଷୟତ୍ରୀ ମାନେ ଚାଲିଜିବା ପରେ ଡିଇଓ ସୁନ୍ଦରଗଡ ଆସି ସଂଧ୍ୟାରେ ଏଭଳି ଅବସ୍ଥା ଦେଖି ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଦେବା, ତାର ଉତର ଶିକ୍ଷୟତ୍ରୀ ମାନେ ଦେବା, ସେ ଉତରକୁ ମନଇଛା ଦାୟିତ୍ୱରେ ଥିବାପ୍ରଧାନ ଶିକ୍ଷୟତ୍ରୀ ବିଇଓ ରାଉରକେଲା ଅଫିସକୁଦେବା ଓ ତାହା ଗ୍ରହଣ ନହେବା ଆଦି ଘଟଣା ବିଦ୍ୟାଳୟ ପରିବେଶ ଓ ଶାସନ ବ୍ୟବସ୍ଥା ତଥା ଏହି କନିଷ୍ଠଙ୍କ କାର୍ଯ୍ୟକୁ ନେଇ ନାନାପ୍ରଶ୍ନ ଉଠିଛି । ଏହାଦ୍ୱାରା ଏଲିମେଂଟାରୀ ଶିକ୍ଷୟତ୍ରୀ ମାନଙ୍କ ମନୋବଳକୁ ଭାଙ୍ଗିଦେବା ଭଳି ସ୍ଥିତି କରାଯାଉଛି ବୋଲି ମତପ୍ରକାଶ ପାଇଛି । ୫-ଟି ବ୍ୟବସ୍ଥାରେ ସରକାର ପିଲାଙ୍କୁ ଉଚିତ ମାନର ଶିକ୍ଷା ସାଙ୍ଗକୁ ସେମାନଙ୍କୁ ସଂସ୍କାର ଶିକ୍ଷା ସହ ଶୃଙ୍ଖଳିତ କରି ଗଢିତୋଳିବାରେ ଅଧିକ ଗୁରୁତ୍ୱ ଦିଆଯାଇଥିବା ବେଳେ ଏ ବିଦ୍ୟାଳୟରେ ସଭାସମିତିକୁ ଅଧିକ ଗୁରୁତ୍ୱ ଦିଆଜିବା ସହ ନିଜର ଗୁରୁତ୍ୱ ସମ୍ମାନ କିଭଳି ଉପର ଅଧିକାରୀଙ୍କ ପାଖରେ ରହିବ ତାକୁ ବେଶି ଗୁରୁତ୍ୱ ଦିଆଯାଉଥିବାର ଅଭିଯୋଗ ହେଉଛି । ସେପଟେ ଏଭଳି ପରିବେଶ ଓ ଗୋଳିଆ ପାଣି ଭିତରେ ନାନା ଲୋକ ନାନା ଫାଇଦା ନେବାରେ ବ୍ୟସ୍ତ ରହୁଥିବାରୁ ଏହି ବିଦ୍ୟାଳୟର ତାର ଅତିତର ଗୌରବ ହରାଇବାରେ ଲାଗିଛି ।








# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଉଁଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସ୍ୱିଟର



ଏଜେନ୍ସି : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସ୍ୱିଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସ୍ୱିଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସ୍ୱିଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସ୍ୱିଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସ୍ୱିଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସ୍ୱିଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।




ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜୈନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହୋଇଥନ୍ତି ହ୍ରିତିକ।

## ପୁରାଣ କାହାଣୀ

# ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତୃଘ୍ନ ଶୃତକୀରଟିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

# ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା। ସେ ପୁରୁଷ ହୋଇଥିଲେ ମଧ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି। ଦର୍ଶକ ମଧ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି। ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି। ନୃତ୍ୟ ଶେଷରେ ମଧ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି। ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି। ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ। କଳାକ୍ରିଷ୍ଣା ମଧ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି। ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି। କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି। ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି। ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ। ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି। ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ। ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି।

### ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି। ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ। ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି। ଏହାର ବୀଜକୁ ଔଷଧ ରୂପେ ରଖାଯାଏ। ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ। ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବାନ୍ଧି ଦୂର ହୋଇଯାଇ ଥାଏ। ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ। ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ। ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ।

# ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାର୍ଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ। ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି। ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ। କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ। ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା। ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପଚାର କରାଯିବ। ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ। ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ।

# 'କର୍ଫି'ର ଚିତ୍ରକର ଅମିତା






ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କର୍ଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କର୍ଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ ଅନେକ ଚିତ୍ର ଆଙ୍କିଛନ୍ତି। କର୍ଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ। ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ। ଏହା ମାଟିକୁ ଉର୍ବର କରେ।

-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ। ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।




# ମାନବ ସେବାରେ ଦୂରଦର୍ଶନ

**ବିପିନବିହାରୀ ମହାନ୍ତି**

ଜଗତୀକରଣ ପ୍ରକ୍ରିୟାରେ ବିଶ୍ୱ ଏବେ ସଂକୁଚିତ ହୋଇଯାଇଛି ଅର୍ଥାତ୍ ବିଶ୍ୱ ଏକ ପରିବାର ପାଲଟି ଯାଇଛି। ଏହି ପାରିବାରିକ କାରଣରୁ ଆମ ପାଇଁ ଅନେକ କିଛି ସହଜ,



ସରଳ ଏବଂ ସୁଗମ ହୋଇପାରିଛି । ଏ ସବୁର ମୂଳ କାରଣ ଆମ୍ଭମାନଙ୍କ ପାଖରେ ସଂପ୍ରତି ପହଂଚିଥିବା ପରିବହନ ଏବଂ ଯୋଗାଯୋଗ ବ୍ୟବସ୍ଥାର ସୁଲଭତା। ତେବେ ସାଂପ୍ରତିକ ଯୋଗାଯୋଗ ବ୍ୟବସ୍ଥା ବିଶ୍ୱବାସୀଙ୍କୁ ସନ୍ନିକଟ କରାଇବା ତଥା ପରସ୍ପରକୁ ବୁଝିବା ଏବଂ ନିଜର ଅଭାବ ମେଣ୍ଟାଇବା, ଭାବର ଆଦାନ ପ୍ରଦାନ ବ୍ୟବସ୍ଥାକୁ ଆହୁରି ସୁଦୃଢ କରିଛି।

ପରସ୍ପରକୁ ନିକଟତର କରାଇବାର ବୁଝିବାର ଏବଂ ବୁଝାଇବାର ମାଧ୍ୟମକୁ କୁହନ୍ତି ଗଣମାଧ୍ୟମ। ଗଣମାଧ୍ୟମ କୌଣସି ଦେଶର ଶାସନ କ୍ଷେତ୍ରରେ ଚତୁର୍ଥ ସ୍ତମ୍ଭ। ଗଣମାଧ୍ୟମ କହିଲେ ସମ୍ବାଦ ଗ୍ରହଣ, ପ୍ରଚାର ଏବଂ ପରିବେଷଣକୁ ବୁଝାଏ। ଆମେ ଜାଣିଥିବା ଏବଂ ପଢୁଥିବା ଖବରକାଗଜ, ଆକାଶବାଣୀ, ପତ୍ରପତ୍ରିକା, ପ୍ରାଚୀରପତ୍ର, ପାଲା, ଦାସକାଠିଆ, ନାଚ, ଥିଏଟର, ସିନେମା, ଚକୁଳିଆ ପଣ୍ଡା ଗୀତ ଏବଂ ଜାନୁଘଣ୍ଟିଆର ବାଣୀ ଅଥବା ପୁରାଣ କାହାଣୀ ଏସବୁ ଗଣମାଧ୍ୟମର ତାଳପତ୍ର ସଦୃଶ। ତେବେ ସଂକ୍ଷେପରେ ଏହାକୁ ଉକ୍ତି ବାଚକ, ଲିଖିତ, ଶ୍ରୁତି ବାଚକ, ଦର୍ଶନ ସୂଚକ, ତଥା ଦୃଶ୍ୟ-ଶ୍ରାବ୍ୟ ଏହି ପ୍ରକାର ବିଭିନ୍ନ ଭାବରେ ବିଭକ୍ତ କରାଯାଇପାରେ।

ଦୂରଦର୍ଶନ ଦୃଶ୍ୟ-ଶ୍ରାବ୍ୟର ମାଧ୍ୟମ ଅର୍ଥାତ୍ ଏକ ସମୟରେ ଘଟୁଥିବା ଘଟଣା ବା କାହାଣୀମାନ ଦେଖିହୁଏ ଏବଂ ଶୁଣିହୁଏ। ମହାଭାରତରୁ ଜାଣିଛୁ ଅନ୍ଧ ଧୃତରାଷ୍ଟ୍ରଙ୍କୁ ସଂଜୟ କୁରୁକ୍ଷେତ୍ରରେ ଚାଲିଥିବା ଯୁଦ୍ଧର ବିବରଣୀ ଯୋଜନ ଯୋଜନ ଦୂରରେ ରହି ଶୁଣାଉଥିଲେ। ଏହି ଦୃଷ୍ଟିରୁ ସେ ଦୂରଦର୍ଶନ କାର୍ଯ୍ୟ କରୁଥିଲେ। ଏହା କେତେଦୂର ଦିବ୍ୟଦୃଷ୍ଟି ଥିଲା ତାହା ଆମ ଚିନ୍ତାର ବାହାରେ ଅଥଚ- ଆମେ ଆଜି ଏହାକୁ ଅସ୍ୱୀକାର କରିପାରୁନାହୁଁ କାରଣ ଆମେ ସଂଜୟଙ୍କୁ ଟପି ଯାଇଛୁ।

ଦୂରଦର୍ଶନ ବିଭିନ୍ନ ଉପାୟରେ ଆମକୁ ସାହାଯ୍ୟ କରିଥାଏ। ଏହା ବିଶ୍ୱ ସଂପର୍କରେ ଲୋକମାନଙ୍କୁ ଶିକ୍ଷା ଦେଇଥାଏ; ବିଶ୍ୱର ବିଭିନ୍ନ ସମସ୍ୟା ଏବଂ ତାର ବାସ୍ତବ କାହାଣୀ ଯାହା ତତ୍କ୍ଷଣିକ ଘଟି ଚାଲିଛି ସେଗୁଡିକ ଆମକୁ ଦେଖାଇଥାଏ ଏବଂ ଶୁଣାଇଥାଏ। ଏହା ଗଣମାଧ୍ୟମର ସର୍ବୋତ୍ତମ ସଂବାଦ ପ୍ରଚାର ଏବଂ ପ୍ରଘଟକାରୀ ଏକ ଯନ୍ତ୍ର ଯାହା ଆମ ପୃଥିବୀର ଯେକୌଣସି କୋଣରେ ଘଟିଯାଉଥିବା ଦୃଶ୍ୟ ବା କାହାଣୀକୁ ଆମ ଘରେ ବସି ଦେଖିପାରୁଛୁ ଏବଂ ତାର ଅଂଶୀଦାର ହୋଇପାରୁଛୁ; ଏହା ମାଧ୍ୟମରେ ଆମେ ଆମର ସ୍ୱାଧୀନ ଭାଷଣକୁ ବା ଭାବକୁ ବ୍ୟକ୍ତ କରିପାରୁଛୁ; ଏହା ବିଶ୍ୱ ସ୍ତରରେ ସାଂସ୍କୃତିକ କ୍ଷେତ୍ରରେ ନାନା ବିଭିନ୍ନତା ମାଧ୍ୟମରେ ଏକତାର ଭାବ ସୃଷ୍ଟି କରିଛି ଏବଂ ସର୍ବୋପରି ପୃଥିବୀରେ ଜଗତୀକରଣ ପ୍ରକ୍ରିୟାରେ ବିଭିନ୍ନ



ପ୍ରକାର ସମସ୍ୟାର ଉପରେ , ଗତି, ଏବଂ ସମାଧାନର ସୂତ୍ର ବାହାର କରିବାରେ ସାହାଯ୍ୟ କରିପାରୁଛି। ବିଶେଷ କରି ପୃଥିବୀରେ ଶାନ୍ତି, ନିରାପତା, ଅର୍ଥନୈତିକ ସ୍ଥିତି ପ୍ରଭୃତି ସାମାଜିକ ଉନ୍ନତି ଏବଂ ସାଂସ୍କୃତିକ ଭାବର ବିନିମୟ ପାଇଁ ଏହା ବିଶେଷ ସହାୟକ ହେଉଛି। ଏହାର ଆବଶ୍ୟକତା ଶିଶୁଠାରୁ ବୃଦ୍ଧଯାଏଁ କିଏ ଯେ ଉପଲବ୍ଧି ନକରୁଛି, ତାହା ଅସ୍ୱୀକାର କରିହେବ ନାହିଁ।




ଆମ ପାଇଁ ଏହାର ଆବଶ୍ୟକତା ଅତୁଳନୀୟ। ଏହାର ଗୁରୁତ୍ୱକୁ ଉପଲବ୍ଧି କରି ଜାତିସଂଘର ସାଧାରଣ ସଭାଦ୍ୱାରା ୧୯୯୬ ଡିସେମ୍ବର ୨୧ ତାରିଖରେ "ଦୂରଦର୍ଶନ" ଦିବସ ପାଳନାର୍ଥେ ଏକ ନିଷ୍ପତ୍ତି ନିଆଗଲା। ସେବେଠୁ ବିଶ୍ୱ ଦୂରଦର୍ଶନ ଦିବସ ପାଳିତ ହୋଇଆସୁଅଛି। ଏହା ଆଧୁନିକ ସଭ୍ୟତା ପାଇଁ ଏକ ନୂତନ ଗଣମାଧ୍ୟମ। ଏହା ସାରା ବିଶ୍ୱକୁ ସଂକୁଚିତ କରିବାରେ ତଥା ପ୍ରତ୍ୟେକଙ୍କୁ ଏ ବିଶ୍ୱର ଏକ ଅଂଶୀଦାର ଭାବେ ବିବେଚନା କରିବାକୁ ନିଶ୍ଚିତ କରାଇଛି। କହିବା ବାହୁଲ୍ୟ ଯେ ସୂର୍ଯ୍ୟଙ୍କ ପାଖରେ ଲଣ୍ଠନ ବତୀଟିଏ ଯେପରି ଗୁରୁତ୍ୱ ହରାଇଥାଏ, ସେହିପରି ସାଂପ୍ରତିକ ଦୂରଦର୍ଶନ ବା ଟିଭି କାରଣରୁ ଆକାଶବାଣୀ ଯିଏ ଏକଦା ପ୍ରଭାବ ବିସ୍ତାର କରିଥିଲା, ସିଏ ମଉଳିଗଲାଣି । ଅନେକଙ୍କ ଘରେ ସମ୍ବାଦପତ୍ର ଆଉ କେହି କିଣନ୍ତି ନାହିଁ; କେହି ସିନେମା, ନାଟ, ଥିଏଟର ଇତ୍ୟାଦି ମନୋରଂଜନ କାର୍ଯ୍ୟକ୍ରମକୁ ଯାଆନ୍ତି ନାହିଁ; ଖେଳ ପଡିଆରେ କେହି କ୍ରିକେଟ ବା ଫୁଟବଲ ବା କବାଡି ଦେଖନ୍ତି ନାହିଁ। ମହାକାଶଯାନର ଉତ୍ତୋଳନ ବା




କୌଣସି ଦୁର୍ଘଟଣାର ଚାକ୍ଷୁଷ ପ୍ରମାଣ ପାଇଁ କେହି ଦଉଡି ଯାଆନ୍ତି ନାହିଁ। ସେ ସବୁ ଆମ ହାତପାଆନ୍ତିରେ ଆମରି ପାଖରେ ଯଦି ଟିଭିଟିଏ ଅଛି ପଂହଚିଯାଉଛି। ଜୀବନର ଏମିତି କିଛି ଖୋଜିବା ବି ଲୋଡିବା କଥାନାହିଁ ଯାହା ଦୂରଦର୍ଶନ ମାଧ୍ୟମରେ ଆମେ ପାଇନଥାଉ।

ଏ ସମସ୍ତ କଥାକୁ ଉପଲବ୍ଧି କରି ଜାତିସଂଘ ଦ୍ୱାରା ନିର୍ଦ୍ଦିଷ୍ଟ ହୋଇଥିବା ୨୧ ନଭେମ୍ବରକୁ 'ବିଶ୍ୱ ଦୂରଦର୍ଶନ ଦିବସ' ରୂପେ ପାଳନ କରିବା ହିଁ ଯଥାର୍ଥ ।

*-ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮*

# ଚାଷୀଙ୍କ ବ୍ୟାଙ୍କ ଖାତାକୁ କେବେ ବୀମା କ୍ଷତିପୂରଣ ଏବଂ ଇନପୁଟ ସବସିଡି ଟଙ୍କା ଯିବ ?



ଭୁବନେଶ୍ୱର (ପିଏନ୍)- ରାଜ୍ୟରେ ୧୨ଟି ଜିଲା ଏବଂ ୬୪ଟି ବ୍ଲକରେ ୨୦୨୧ ମସିହାରେ କୃଷକମାନଙ୍କର ମରୁଡ଼ି ଜନୀତ ଫସଲହାନୀ ଘଟିଥିଲା। ରାଜ୍ୟ ସରକାରଙ୍କର ପ୍ରଦତ ନିୟମ ଅନୁସାରେ କୃଷକମାନଙ୍କୁ ୨୦୨୧ ଖରିଫ ଋତୁର ଦୁଇମାସ ଭିତରେ କ୍ଷତିପୂରଣ ଭରଣ କରାଯିବା କଥା। କ୍ଷୟକ୍ଷତି ଆକଳନ ହୋଇସାରିଲା ପରେ ମଧ ରାଜ୍ୟ ସରକାର କ୍ଷୟକ୍ଷତିର ଇନ୍‌ପୁଟ ସବସିଡ୍ ବର୍ଷ ବର୍ଷ ଧରି ଦେଲେ ନାହିଁ ଏବଂ ଠିକ୍ ପଦ୍ମପୁର ଉପନିର୍ବାଚନର ତାରିଖ ଘୋଷଣା ହେବାପରେ ନବୀନ ସରକାର ୨୦୦ କୋଟି ଟଙ୍କାର ଇନପୁଟ ସବସିଡି ଘୋଷଣା କରିବା ଏହା ତାଙ୍କର କୃଷକମାନଙ୍କ ପ୍ରତି କେତେ ଦରଦ ଓ ସହାନୁଭୂତି ଅଛି ତାହା ସ୍ପଷ୍ଟ ଅନୁମେୟ। ପଦ୍ମପୁରର କୃଷକମାନେ ଦୀର୍ଘ ୧୪ମାସ ଧରି ତାଙ୍କର କ୍ଷୟକ୍ଷତିର ଭରଣା ପାଇଁ ଏବଂ ପ୍ରାପ୍ୟ ବୀମା ରାଶି ପାଇବାପାଇଁ ଆନ୍ଦୋଳନ ଜାରି ରଖିଛନ୍ତି ଏ କଥାକୁ ରାଜ୍ୟ ସରକାର ଭଲଭାବରେ ଜାଣିଛନ୍ତି। କିନ୍ତୁ ପଦ୍ମପୁରର କୃଷକମାନଙ୍କ ସମସ୍ୟାକୁ ସମାଧାନ କରିବାପାଇଁ କେବେ ତତ୍ପରତା ଦେଖେଇଲେ ନାହିଁ। ଅନୁରୂପ ଭାବରେ କେନ୍ଦ୍ର ସରକାରଙ୍କର ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ରାଜ୍ୟର କୃଷକମାନେ ବୀମା ରାଶି ଭରଣ କରିଥିଲେ। କିନ୍ତୁ ୨୦୨୧ ମସିହା ଖରିଫ ସିଜନ୍‌ରେ କୃଷକମାନଙ୍କର ଯେଉଁ କ୍ଷୟକ୍ଷତି ଘଟିଲା ସେ କ୍ଷୟକ୍ଷତିକୁ ବୀମା କମ୍ପାନୀମାନେ ଭରଣା କରିବା ପରିବର୍ତ୍ତେ ବୀମା ଦାବିକୁ ଅଗ୍ରାହ୍ୟ କରିଦେଲେ। କୃଷକମାନେ ବୀମା କମ୍ପାନୀର ଏହି ଅନ୍ୟାୟ ବିରୋଧରେ ୧୪ମାସ ଧରି ଆନ୍ଦୋଳନ କରି ଆସୁଛନ୍ତି। ରାଜ୍ୟରୁ ତିନି ତିନି ଜଣ ଟାଣୁଆ କେନ୍ଦ୍ରମନ୍ତ୍ରୀ ଅଛନ୍ତି ଏବଂ ବହୁ ସାଂସଦ ମଧ୍ୟ ଅଛନ୍ତି କିନ୍ତୁ କେବେହେଲେ ଏ କଥାକୁ ନେଇ କେନ୍ଦ୍ର କୃଷି ମନ୍ତ୍ରୀଙ୍କ ପାଖରେ ଦାବୀ ଉପସ୍ଥାପନ କରାଗଲା ନାହିଁ ଏବଂ କୃଷକମାନଙ୍କୁ ବୀମାରାଶି ମିଳିଲା ନାହିଁ। ବରଗଡ଼ ଜିଲ୍ଲା ଓଡ଼ିଶାର ଭାତ ହାଣ୍ଡି। ଯଦି ପ୍ରକୃତରେ ବିଜେଡ଼ି ଓ ବିଜେପି କୃଷକମାନଙ୍କର ସମସ୍ୟାପାଇଁ ସାମାନ୍ୟ ଭାବରେ ଚିଂତ ଥା'ନ୍ତେ ତାହାହେଲେ ୧୪ ମାସ ଆନ୍ଦୋଳନ ହୋଇନଥାନ୍ତା। ବର୍ଷକୁ ବର୍ଷ ଧାନ କିଣିବାର ଚାଷୀମାନଙ୍କର କୋଟା କମି କମି ଯାଉଛି। ଏ ବାବଦରେ ଥରୁଟିଏ ଉଭୟ ଦଳ ପ୍ରତିବାଦ କରୁନାହାଁନ୍ତି। ଧାନ ପ୍ରତିବର୍ଷ ଓଡ଼ିଶାରୁ କେତେ କିଣାଯିବ ତାହା କେନ୍ଦ୍ର ସରକାର ସ୍ଥିର କରୁଛନ୍ତି। ଧାନର ଉତ୍ପାଦନ ବର୍ଷକୁ ବର୍ଷ ବଢୁଛି କିନ୍ତୁ କୃଷକମାନଙ୍କ ପାଖରୁ ସମସ୍ତ ଧାନ କିଣିବା ପରିବର୍ତ୍ତେ ମାତ୍ର ନିର୍ଦ୍ଧାରିତ କ୍ୟୁଂଟାଲ କିଣାଯାଉଛି। ଫଳରେ କୃଷକମାନେ ଉପଯୁକ୍ତ ପ୍ରାପ୍ୟ ପାଉନାହାଁନ୍ତି ଏକଥା ତ ଉଭୟଙ୍କୁ ଜଣା। ଏଠି ଉଭୟ ଦଳ କୃଷକଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପଂଚାନନ କାନୁନଗୋ କହିଛନ୍ତି। ସାମ୍ବାଦିକ ମାନଙ୍କୁ ସମ୍ବୋଦ୍ଧିତ କରି କହିଲେଯେ ଉଭୟ ଦଳ ପଦ୍ମପୁର ଉପନିର୍ବାଚନରେ ଭୋଟ ହାତେଇବା କୃଷକମାନଙ୍କୁ ଭୂଆଁ ବୁଲାଉଛନ୍ତି। ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ୮୭ ଭାଗ ଭୋଟର ହେଉଛନ୍ତି କୃଷକ। ଏପଟେ ରାଜ୍ୟରେ କଳି କିନ୍ତୁ ଗୁଜୁରାଟ ନିର୍ବାଚନରେ କୋଳାକୋଳି। ବିଜୁ ଜନତା ଦଳର ସଭାପତି ତଥା ଓଡ଼ିଶାର ମୁଖ୍ୟମନ୍ତ୍ରୀ ମହୋଦୟ କହିବେକି, କାହିଁକି ଓଡ଼ିଶାର ଶ୍ରମ ଓ ନିଯୋଜନ ମନ୍ତ୍ରୀ ଶ୍ରୀଯୁକ୍ତ ଶ୍ରୀକା' ସାହୁଙ୍କୁ ଗତ ୧୬ ତାରିଖରୁ ଆସ'। ୨୪ ତାରିଖ ପର୍ଯ୍ୟ' ଗୁଜୁରାଟକୁ ପଠାଇଛନ୍ତି। ମନ୍ତ୍ରୀ ମହୋଦୟ ଗୁଜୁରାଟରେ ଆପଣଙ୍କ ସହଯୋଗୀ ବିଜେପି ପାଇଁ ସେଠି ଭୋଟ ପ୍ରଚାର କରୁଛନ୍ତି ବୋଲି ବିଶେଷ ସୁତ୍ରରୁ ଜଣାପଡ଼ିଛି। ଆପଣଙ୍କ ଜିଲ୍ଲାରୁ ଲକ୍ଷ ଲକ୍ଷ ଲୋକ ଗୁଜୁରାଟର ସୁରଟରେ ସୂତାକଳରେ ଦାଦନ ଖଟୁଛନ୍ତି। ସେମାନଙ୍କ ଭୋଟକୁ ବିଜେପି ଦଳ ପାଇଁ ହାତେଇବା ପାଇଁ ପ୍ରଚାର କରୁଛନ୍ତି କି? ତେଣୁ ଆପଣ ଏ କଥାକୁ ଜନସାଧାରଣଙ୍କ ସମ୍ମୁଖରେ ସ୍ପଷ୍ଟ କରନ୍ତୁ। ତେଣୁ ଦୁଇଦଳ ଏଠାରେ ମିଛରେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ବିଜେଡ଼ି ଓ ବିଜେପି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଶ୍ରୀ କାନୁନଗୋ ରାଜ୍ୟ ସରକାରଙ୍କ ପାଖରେ ଦାବି ରଖିଛନ୍ତି ଯେ ଅତିଶୀଘ୍ର କୃଷକମାନଙ୍କ ଖାତାକୁ ଇନ୍‌ପୁଟ ସବସିଡ୍ ଓ କ୍ଷୟକ୍ଷତି ଜନିତ ବୀମାରାଶି ତୁର' ପଠାଇବା ପାଇଁ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟସରକାର ଘୋଷଣା କରନ୍ତୁ। ପୂର୍ବରୁ ଏଭଳି ବହୁବାର ନିର୍ବାଚନ ସମୟରେ ଲୋକଙ୍କୁ ଭେଳିକି ଦେଖାଇ ଠକିଛନ୍ତି। ଏଥର ବି ସେଇଚାଲ। ଯଦି ଅତିଶୀଘ୍ର କୃଷକମାନଙ୍କ ଅର୍ଥ ନମିଳେ ତାହାହେଲ କଂଗ୍ରେସ ଦଳ କୃଷକ ଆନ୍ଦୋଳନକୁ ଦୁର୍ବାର କରିବ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କିଷାନ ସେଲର ଅଧ୍ୟକ୍ଷ ଶ୍ରୀ ଅମିୟ କୁମାର ପଟ୍ଟନାୟକ ଏବଂ ପ୍ରଦେଶ କଂଗ୍ରେସ ମୁଖପାତ୍ର ଶ୍ରୀ ରଜନୀ କୁମାର ମହାନ୍ତି ଉପସ୍ଥିତ ଥିଲେ।

# ଆଂଚଳିକ ବରିଷ୍ଠ ନାଗରିକ ମଂଚ ଚଣ୍ଡିଖୋଲ ପକ୍ଷରୁ ସାଧାରଣ ବୈଠକ



ଦର୍ପଣ (ପି.ଏନ): ଆଂଚଳିକ ବରିଷ୍ଠ ନାଗରିକ ମଂଚ ଚଣ୍ଡିଖୋଲ ଆନୁକୁଲ୍ୟରେ ନରସିଂହପୁରଠାରେ ସାଧାରଣ ବୈଠକ ସଭାପତି ଶେଷଦେବ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବେ ଯାଜପୁର ଆରକ୍ଷୀ ଅଧିକ୍ଷକ ରାହୁଳ ପି.ଆର, ସମ୍ମାନିତ ଅତିଥି ଭାବେ ଧର୍ମଶାଳା ଥାନା ଆରକ୍ଷୀ ନିରିକ୍ଷକ ରାକେଶ ତ୍ରିପାଠୀ , ଆଂଚଳିକ ବରିଷ୍ଠ ନାଗରିକ ମଂଚ ସାଧାରଣ ସମ୍ପାଦକ ହେମନ୍ତ କୁମାର ସାମଲ, କୋଷାଧ୍ୟକ୍ଷ ଚିତରଂଜନ ମହାପାତ୍ର, ଉପସଭାପତି କ୍ଷୀରୋଦ ମାହାଲା, ପଣ୍ଡିତ ବିଜୟ କୁମାର କର, ଲକ୍ଷ୍ମୀଧର ସାହାଣୀ ପ୍ରମୁଖ ଯୋଗ ଦେଇଥିଲେ। ଯାଜପୁର ଏସ.ପିଙ୍କୁ ବିରିଷ୍ଠ ନାଗରିକ ମଂଚର କାର୍ଯ୍ୟକର୍ତାମାନେ ସଭାମଂଚକୁ ପାଛୋଟି ଆଣି ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ବରିଷ୍ଠ ନାଗକରୀକମାନେ ଏଟି.ଏମ୍‌ରୁ ଟଙ୍କା ଉଠାଇବାକୁ ଯିବା ସମୟରେ ସାଇବର ଠକ ହାବୁଡ଼ରେ ପଡ଼ି ଏଟି.ଏମ୍‌ରୁ ଉଠାଇବା ଟଙ୍କା ଆଣିବା ପରେ ସାଇବର ଠକମାନେ ଅନ୍ୟ ସମସ୍ତ ଟଙ୍କାକୁ ଉଠାଇନେଇଯାଉଛନ୍ତି । ଯେଉଁଥିରେ ବରିଷ୍ଠ ନାଗରିକମାନେ ବଡ଼ ଅସୁବିଧାରେ ପଡୁଛନ୍ତି। ସାଇବର ଠକମାନେ ବ୍ୟାଙ୍କ ଜମାକାରୀଙ୍କୁ ମିଥ୍ୟା ଟେଲିଫୋନ୍ କରି ବ୍ୟାଙ୍କ ଅଫିସର କହୁଛି କହି ସେମାନଙ୍କ ଠାରୁ ବ୍ୟାଙ୍କ ଆକାଉଂଟ ନମ୍ବର, ଆଧାର ନମ୍ବର ଓ ଆଧାର ସହିତ ଫୋନ୍ ନମ୍ବର ଲିଙ୍କ ଅଛି ନା କଣ ପଚାରୁ ବ୍ୟାଙ୍କର ସେହି ଆକାଉଂଟରୁ ହରିଲୁଟ୍ କରିଚାଲିଛନ୍ତି। ସେଥିପାଇଁ ବରିଷ୍ଠ ନାଗରିକମାନେ ସାଇବର ଠକ ହାବୁଡ଼ରେ ନପଡ଼ିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ରାଜ୍ୟ ସରକାର ବରିଷ୍ଠ ନାଗରିକମାନଙ୍କୁ ସୁରକ୍ଷା ଦେବା ପାଇଁ ଯେଉଁ ନିୟମ ଲାଗୁ କରିଛନ୍ତି ସେ ନିୟମକୁ ସମସ୍ତ ପୋଲିସ ଅଧିକାରୀମାନେ ପାଳନ କରିବେ ବୋଲି ଏସ.ପି. ଶ୍ରୀ ରାହୁଲ ସମସ୍ତ ବରିଷ୍ଠ ନାଗରୀକମାନଙ୍କୁ ପ୍ରତିଶୃତି ଦେଇଥିଲେ। ସମ୍ମାନୀତ ଅତିଥି ଧର୍ମଶାଳା ଥାନାଧିକାରୀ ୮୦ବର୍ଷର ଉର୍ଦ୍ଧ ୬ଜଣ ବରିଷ୍ଠ ନାଗରୀକଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଚଣ୍ଡିଖୋଲକୁ ସବ୍‌ଡ଼ିଭିଜନର ମାନ୍ୟତା ଦେବା ପାଇଁ ସରକାରଙ୍କ ନିକଟରେ ବରିଷ୍ଠ ନାଗରୀକ ମଂଚ ପକ୍ଷରୁ ଦୃଢ ଦାବୀ କରାଯାଇଅଛି। ଅନ୍ୟମାନଙ୍କ ମଧରେ ବ୍ରହ୍ମାନନ୍ଦ ଦାସ, ଶିବରାମ ସାହୁ, ପୂର୍ବତନ ପଂଚାୟତ ସମିତି ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ସାହୁ, ଜିଲ୍ଲା କ୍ରସର ମହାସଂଘ ସଭାପତି ଚନ୍ଦନ କୁମାର ନାୟକ, ଉପଦେଷ୍ଟା ଦୁଃଖିଶ୍ୟାମ ସାହୁ, ସନ୍ତୋଷ ବିଶ୍ୱାଳ, କ୍ରୀର୍ତନ ବେହେରା, ସେକ୍ କରାମତ୍ ଅଲ୍ଲୀ, ଯୋଗେନ୍ଦ୍ର ରାଉତ, ଅନନ୍ତ ଚରଣ ରାଉତ, ଇଶ୍ୱର ସାମଲ, କୃଷ୍ଣ ଚନ୍ଦ୍ର ଜେନା, ପୂର୍ଣ୍ଣଚନ୍ଦ୍ର ସାହାଣୀ, ନୃସିଂହ ସାମଲ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ନରସିଂହପୁର ଗ୍ରାମର ଅଧିବାସୀ ଓ ଯୁବକ ସଂଘର ସମସ୍ତ ଛାତ୍ର ଓ ଯୁବକମାନେ ଉତ୍ସବକୁ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିଥିଲେ। ଶେଷରେ ଉପସଭାପତି ଖୀରୋଦ ମାହାଲା ଧନ୍ୟବାଦ ଅର୍ପଣ କରିଥିଲେ।

# ପୁରୀ ଜିଲ୍ଲାପାଳଙ୍କ ସହ ଓଜେୟୁର ସାକ୍ଷାତ ଆଲୋଚନା



ସମ୍ବଲପୁର (ପିଏନ୍): ପୁରୀ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ସହିତ ଓଡିଶା ସାମ୍ବାଦିକ ସଂଘ (ଓଜେୟୁ) ସମ୍ବଲପୁର ଜିଲ୍ଲା ଶାଖାର କର୍ମକର୍ତ୍ତାଙ୍କ ଗତ ଗୁରୁବାର ଏକ ଅନୌପଚାରିକ ସାକ୍ଷାତ ଆଲୋଚନା ହୋଇଥିଲା। ସଂଘର ସଦସ୍ୟଙ୍କ ପୁରୀ ଗସ୍ତ ବେଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହୋଇଥିବା ଏହି ଆଲୋଚନାରେ ସମର୍ଥ ବର୍ମା ତାଙ୍କ ସମ୍ବଲପୁର ଜିଲ୍ଲାପାଳ ଥିବା ସମୟରେ ଆରମ୍ଭ ହୋଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ସାମ୍ବାଦିକଙ୍କ ସହିତ ଆଲୋଚନା କରିଥିଲେ। ସଂଘର ଜିଲ୍ଲା ସାଧାରଣ ସମ୍ପାଦକ ସରୋଜ ସାହୁ, ରାଜ୍ୟ ଉପ ସଭାପତି ସୁଶାନ୍ତ ମହାପାତ୍ର, ବରିଷ୍ଠ ସଦସ୍ୟ ସାଧବ ପ୍ରଧାନ, ସନ୍ତୋଷ ସାହୁ, ସଞ୍ଜୟ ପାଗଡ଼, ପ୍ରଦୀପ ନାୟକ, ରବୀନ୍ଦ୍ର ପ୍ରଧାନ, ଦେବାଶିଷ ବେହେରା, ଆଦି ନନ୍ଦ, ମାନସ ସାହୁ, ସନ୍ଦୀପ ଶର୍ମାଙ୍କ ସମେତ ବରିଷ୍ଠ ସାମ୍ବାଦିକ ସୁଧାଂଶୁ ଶେଖର ମହାରଣା ସାମିଲ ଥିଲେ। ଏହି ଅବସରରେ ସଂଘ ପକ୍ଷରୁ ପୁରୀ ଜିଲ୍ଲାପାଳ ଶ୍ରୀ ବର୍ମାଙ୍କୁ ପୁଷ୍ପଗୁଚ୍ଛ, ସ୍ମୃତି ଫଳକ ଏବଂ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିଡିଏ କଲୋନୀରେ ନଅକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

ଖୋର୍ଦ୍ଧା (ପିଏନ୍): ରବିବାର କାର୍ତିକ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥିରେ ସ୍ଥାନୀୟ ବକ୍ସି ଜଗବନ୍ଧୁ ନଗର ବିଡିଏ କଲୋନୀ ସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ଊନବିଂଶତମ ବାର୍ଷିକ ନଅକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଚନ୍ଦ୍ରଶେଖରପୁର ଗାୟତ୍ରୀ ଶକ୍ତିପୀଠର ସକ୍ରିୟ କାର୍ଯ୍ୟକର୍ତ୍ତା ନବଘନ ଶତପଥୀ ପ୍ରବଚକ ଭାବେ ଯୋଗଦେଇ ଯଜ୍ଞର ପୁଣ୍ୟଫଳ ସଂପର୍କରେ ବ୍ୟାଖ୍ୟା କରିଥିଲେ। ମନୁଷ୍ୟ ମନ୍ଦ ପ୍ରବୃତ୍ତି ଛାଡ଼ି ଭଲ ପ୍ରବୃତ୍ତି ଗ୍ରହଣ କରିବା ପାଇଁ ଗାୟତ୍ରୀ ଯଜ୍ଞ ପ୍ରେରିତ କରିଥାଏ। ମା' ଗାୟତ୍ରୀ ହେଲେ ବେଦମାତା। ତାଙ୍କର ଆରାଧନା ସକାରାତ୍ମକ ବାତାବରଣ ସୃଷ୍ଟି କରେ ବୋଲି ଶ୍ରୀ ଶତପଥୀ କହିଥିଲେ। ଅନ୍ୟତମ ପ୍ରବଚିକା ଆରାଧନା ଶତପଥୀ ଓ ଉପାସନା ଶତପଥୀ ପ୍ରବଚନ, ଗଳ୍ପ ଓ ସଂଗୀତ ମାଧ୍ୟମରେ ଆଧ୍ୟାତ୍ମିକତା ଓ ବିଜ୍ଞାନ ସଂପର୍କରେ ବ୍ୟାଖ୍ୟା କରିଥିଲେ। କଳିଯୁଗର କଳୁଷିତ ବାତାବରଣକୁ ଦୂର କରିବାରେ ମହିଳା ଓ ଯୁବପିଢି ପ୍ରମୁଖ ଭୂମିକା ଗ୍ରହଣ କରିବା ପାଇଁ ସେମାନେ ଉଦ୍‌ବୋଧନ ଦେଇଥିଲେ। ସ୍ଥାନୀୟ ବିଧାୟକ ଜିତୁ ମିତ୍ରଙ୍କ ସମେତ ହଜାର ହଜାର ଶ୍ରଦ୍ଧାଳୁ ଏହି ମହାଯଜ୍ଞରେ ଉପସ୍ଥିତ ରହିଥିଲେ। ପୂର୍ଣ୍ଣାହୂତି ସମୟରେ ଯଜ୍ଞସ୍ଥଳ ଲୋକାରଣ୍ୟ ହୋଇଯାଇଥିଲା। ଏହି ଅବସରରେ ଗାୟତ୍ରୀ ସତ୍ ସାହିତ୍ୟର ପ୍ରଦର୍ଶନ କରାଯାଇଥିଲା। ଏହାପରେ ସାମୂହିକ ପ୍ରସାଦସେବନ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ମହାଯଜ୍ଞରେ ଶକ୍ତିପୀଠର ମୁଖ୍ୟ ପୁରୋଧା ଇଂ. ପ୍ରମୋଦ କୁମାର ପୃଷ୍ଟି, ଉଲ୍ଲାସ ପୃଷ୍ଟି, ରବୀନ୍ଦ୍ର କୁମାର ପଟ୍ଟନାୟକ, ବୈକୁଣ୍ଠ ସାହୁ, ଡ. ଗୌରୀଶଂକର ପ୍ରହରାଜ, ବିଦ୍ୟାଧର ରାଉତ, ସତ୍ୟବାଦୀ ବଳିଆରସିଂହ, ବିଦ୍ୟାଧର ଲେଙ୍କା, ଜୟନ୍ତ ମିଶ୍ର, ଶତ୍ରୁଘ୍ନ ବିଷୋୟୀ, ପ୍ରହଲ୍ଲାଦ ବାରିକ, ପ୍ରଦ୍ୟୁମ୍ନ ନାଟୁଆ, ସେବତୀ ଭୂୟାଁ, ବିପ୍ରଚରଣ ବେଉରା, ଗୌରାଂଗ ଚରଣ ମଣ୍ଡଳ, ପ୍ରମୋଦ କୁମାର ସାହୁ, ଦେବରାଜ ଜେନା, ସମରେନ୍ଦ୍ର ବଳିଆରସିଂହ ତଥା ଗାୟତ୍ରୀ ପରିବାର ଓ ପତଂଜଳି ଯୋଗପୀଠର ସମସ୍ତ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲ୍ଲା ଉପଭୋକ୍ତା ସୁରକ୍ଷା ପରିଷଦ ବୈଠକ ଅନୁଷ୍ଠିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ପୌରୋହିତ୍ୟରେ ଜିଲ୍ଲା ଉପଭୋକ୍ତା ସୁରକ୍ଷା ପରିଷଦ ବୈଠକ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ଖାଉଟି ସୁରକ୍ଷା ପରିଷଦର ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ, ଉପଜିଲ୍ଲାପାଳ ନିରଞ୍ଜନ ବେହେରା, ଖାଉଟି ସୁରକ୍ଷା ପରିଷଦର ସଭାପତି, କେନ୍ଦ୍ରାପଡା ବିଧାୟକଙ୍କ ପ୍ରତିନିଧି, ପାଟକୁରା ବିଧାୟିକାଙ୍କ ପ୍ରତିନିଧି, ରାଜନଗର ବିଧାୟକଙ୍କ ପ୍ରତିନିଧି, କେନ୍ଦ୍ରାପଡା, ମହାକାଳପଡା, ଗରଦପୁର ବ୍ଲକ ଅଧ୍ୟକ୍ଷ, କେନ୍ଦ୍ରାପଡା ପୌରପରିଷଦର ଅଧ୍ୟକ୍ଷା, ମାପଯନ୍ତ୍ର ଓ ବଜାର ନିୟନ୍ତ୍ରଣର ଜିଲ୍ଲା ଓ ରାଜ୍ୟ ସ୍ତରୀୟ ଅଧିକାରୀ ଓ ଉପଭୋକ୍ତାମାନେ ଉପସ୍ଥିତ ରହି ଉକ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ବୈଠକର ଆବାହକ ତଥା ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ସଦସ୍ୟଙ୍କୁ ସ୍ୱାଗତ ଜଣାଇବା ସହ ଖାଉଟି ସୁରକ୍ଷା ସମ୍ପର୍କରେ ବିଶେଷ ବିବରଣୀ ପ୍ରଦାନ କରିଥିଲେ। ଏଥିରେ ଖାଉଟି ସୁରକ୍ଷା ସଭାପତି ପ୍ରବୋଧ କୁମାର ଦାଶ କିପରି ଖାଉଟିଙ୍କ ସୁରକ୍ଷା ନିମନ୍ତେ ଜିଲ୍ଲା, ରାଜ୍ୟ ଓ କେନ୍ଦ୍ର ସ୍ତରରେ କମିଶନମାନ ଗଠନ କରାଯାଇଛି ଏବଂ ଜଣେ ସାଧାରଣ ଖାଉଟି ଏହାର ସଦୁପଯୋଗ କରି ନିଜର ହକ ପ୍ରାପ୍ତ କରିପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ସେ ଜଣେ ବୋଲେରୋ ହିତାଧିକାରୀ କିପରି ତାଙ୍କ ଗାଡିର ଚେଚିସ ଖରାପ ହୋଇଯିବାରୁ ସେ ମହିନ୍ଦ୍ରା କମ୍ପାନୀ ଠାରୁ ତାଙ୍କର କ୍ଷତିପୁରଣ ପାଇପାରିଲେ ଏକ ସୁନ୍ଦର ଉଦାହରଣ ମାଧମରେ ଘଟଣା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହା ପରେ ଓଜନ ଓ ମାପଯନ୍ତ୍ରର ଅଧିକାରୀ କିପରି ଭାବରେ ଜଣେ ହିତାଧିକାରୀ ହାତ ମାପ ଯନ୍ତ୍ର ଓ ଯାନ୍ତ୍ରିକ ମାପ ଯନ୍ତ୍ରର ଅନୀୟମୀତତାର ଠକାମିରେ ଶିକାର ନହେବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି ମର୍ମରେ ରାଜ୍ୟ ଉପଭୋକ୍ତା ଅଧକ୍ଷ ବଂଶୀଧର ଆଚାର୍ଯ୍ୟ କିପରି ଜଣେ ସାଧାରଣ ଉପଭୋକ୍ତା ଖାଦ୍ୟ ଦୂଷିତ କରଣ, ମାପ ଠକାମୀ ପରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଏବଂ ଏଥିରୁ ନିସ୍ତାର ପାଇବା ପାଇଁ ଉପଭୋକ୍ତାମାନଙ୍କୁ ସଚେତନତା କରିବା ସହିତ ଶିକ୍ଷିତ କରିବା ଏବଂ ଅଧିକାରୀମାନଙ୍କୁ ନେଇ ପଞ୍ଚାୟତ ସ୍ତରରୁ ଆରମ୍ଭ କରି ଜିଲ୍ଲା ସ୍ତର ପର୍ଯ୍ୟନ୍ତ ତଦାରଖ କରିବାର ବ୍ୟବସ୍ଥା ରଖିବା ପାଇଁ ପ୍ରସ୍ତାବ ରଖିଥିଲେ। ଏହି ଆଲୋଚନାରେ ଖାଉଟି ସୁରକ୍ଷା ପରିଷଦ ସଦସ୍ୟ ଜୟଦେବ ସିଂ ପେଟ୍ରୋଲ ପମ୍ପରେ ଆବଶ୍ୟକୀୟ ବ୍ୟବସ୍ଥାର ବିଚ୍ୟୁତି, ରାସ୍ତାରେ ଯାଉଥିବା ତେଲ ଗାଡିରେ ତେଲ ଚୋରି ବିଷୟରେ ଦୃଷ୍ଟି ଆକର୍ଷଣ କରିଥିଲେ। ଗରଦପୁର ଅଧକ୍ଷ ଜେନେରିକ ଔଷଧର ପ୍ରକୃତ ମୂଲ୍ୟ ଏବଂ ମଦରେ ଦିଆଯାଉନଥିବା ରସିଦ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ଅନ୍ୟ ଉପସ୍ଥିତ ସଦସ୍ୟମାନେ ଆଲୋଚନାରେ ଭାଗନେଇ ଖାଉଟି ସୁରକ୍ଷା ଉପରେ ସେମାନଙ୍କର ସୁଚିନ୍ତିତ ମତାମତ ଦେବା ସହ କିପରି ଜିଲ୍ଲା, ରାଜ୍ୟ ଏବଂ କେନ୍ଦ୍ରରେ ଥିବା କମିଶନ ପରି ସଂସ୍ଥା ପଞ୍ଚାୟତ ଓ ବ୍ଲକ ସ୍ତରରେ ପ୍ରଚଳନ ହୋଇପାରିବ ଏବଂ ଜଣେ ସାଧାରଣ ଖାଉଟି ଯେପରି ଜିଲ୍ଲା ପର୍ଯ୍ୟନ୍ତ ନଯାଇ ତୃଣମୂଳ ସ୍ତରରେ ଏହାର ସଦୁପୋଯୋଗ କରିପାରିବ ତାହାର ସୁବ୍ୟବସ୍ଥା କରିବା ପାଇଁ ମତ ରଖିଥିଲେ। ରାଜ୍ୟରୁ ଆସିଥିବା ଯୁଗ୍ମ ସଚିବ ପ୍ରକାଶ କରିଥିଲେ ଯେ ଖାଉଟି ସୁରକ୍ଷାର ପ୍ରଚାର ଓ ପ୍ରସାର ନିମନ୍ତେ ଆବଶ୍ୟକୀୟ ଅର୍ଥ ସିକା ପକ୍ଷରୁ ଖୁବ ଶୀଘ୍ର ଯୋଗାଇ ଦିଆଯିବ। ଖାଦ୍ୟ ସୁରକ୍ଷା ଅଧିକାରୀ, ଉପଭୋକ୍ତାମାନେ କିପରି ସ୍ୱାସ୍ଥ୍ୟକର ଖାଦ୍ୟ ପଦାର୍ଥ ପାଇପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ବଜାର ନିୟନ୍ତ୍ରକ ଅଧିକାରୀ କଟକ ଜିଲ୍ଲାରେ ବିଭିନ୍ନ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ଗଠନ କରି ଅସାଧୁ ଉପାୟରେ ଖାଦ୍ୟ ମହଜୁଦ କରି ଦରଦାମ ବୃଦ୍ଧି ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବୈଠକରେ ଅବଗତ କରାଇଥିଲେ। ଏହି ବୈଠକରେ ଉପସ୍ଥିତ ଥିବା ଖାଉଟି ଓ ଅନ୍ୟ ସଦସ୍ୟମାନଙ୍କ ପ୍ରଶ୍ନର ଉତ୍ତର ଗୁଡିକୁ ଜିଲ୍ଲା ଓ ରାଜ୍ୟର ଅଧିକାରୀମାନେ ସୁନ୍ଦର ଓ ସରଳ ଭାବରେ ପ୍ରଦାନ କରିଥିଲେ। ଏହି ମର୍ମରେ ଜିଲ୍ଲା ଖାଉଟି ସୁରକ୍ଷା ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ସମସ୍ତଙ୍କ କଥାକୁ ତର୍ଜମା କରି କିପରି ଜଣେ ଖାଉଟି ଭବିଷ୍ୟତରେ ଠକାମୀର ଶିକାର ନହେବ ଏବଂ ସଠିକ ପରିମାଣ ଓ ମାନର ଖାଦ୍ୟ ଖାଇ ଏକ ସୁସ୍ଥ ସମାଜ ଗଠନରେ ସହାୟକ ହେବା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଶେଷରେ ବେସାମରିକ ଯୋଗାଣ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୃତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ନଭେମ୍ବର ୨୨

# ରାଜ୍ୟରେ ଜଳସଙ୍କଟ



ଜଳର ଅନ୍ୟନାମ ଜୀବନ। ଜଳ ବିନା କୌଣସି ପ୍ରାଣୀ, ଜନ୍ତୁ, ବୃକ୍ଷଲତା, ସରୀସୃପ, କୀଟପତଙ୍ଗ, ଜୀବନଧାରଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ। ତେଣୁ ଜଳର ଆବଶ୍ୟକତା ଅନୁଭବ କରି ଆବହମାନ କାଳରୁ ପାନୀୟ ଜଳ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜଳର ବ୍ୟବସ୍ଥା କରାଯାଇଆସୁଛି। ସଭ୍ୟସମାଜରେ ପ୍ରତ୍ୟେକ ସରକାର ଦେଶର ଜନସାଧାରଣଙ୍କୁ ସୁସ୍ଥ ପାନୀୟ ଜଳ ସହ ବ୍ୟବହାର ଉପଯୋଗୀ ଓ ଚାଷୋପଯୋଗୀ ଜଳ ଯୋଗାଇଦେଇଥା'ନ୍ତି। ଏବେ ଓଡ଼ିଶାରେ ଜଳ ସମସ୍ୟା ଉତ୍କଟ ହେଉଥିବାର ପରିଲକ୍ଷିତ ହେଉଛି। ସରକାରୀ ହିସାବ ଅନୁଯାୟୀ ରାଜ୍ୟର ଗ୍ରାମା□ଳରେ ଥିବା ୫୫ ହଜାର ୧୮୬ ଜନବସତିରେ ପାନୀୟଜଳ ବ୍ୟବସ୍ଥା ନାହିଁ। ସହରା□ଳରେ ୧୪୫ ୱାର୍ଡ଼ରେ ବି କୌଣସି ପ୍ରକାର ପାନୀୟ ଜଳ ବ୍ୟବସ୍ଥା ନାହିଁ। ଏସବୁ ଅ□ଳରେ ଲୋକେ ବାଧ୍ୟ ହୋଇ ଚୁଆ, ପୋଖରୀ, ଝରଣା ପାଣି ପିଉଛନ୍ତି। ରାଜ୍ୟରେ ପାନୀୟ ଜଳଯୋଗାଣ ଏଭଳି ଦୟନୀୟ ସ୍ଥିତିରେ ପଡ଼ିଛି। ନିକଟଅତୀତରେ ରାଜ୍ୟ ଚତୁର୍ଥ ଅର୍ଥ କମିସନ ତାଙ୍କ ରିପୋର୍ଟରେ ଆଙ୍କିଥିବା ଚିତ୍ରରେ ଏକଥା ଦର୍ଶାଇଥିଲେ। ସ୍ଥିତି ସୁଧାରିବା ପାଇଁ ପାନୀୟ ଜଳ ବାବଦରେ ୧୦ ହଜାର ୮୯ କୋଟି ଟଙ୍କା ଯୋଗାଇ ଦେବାକୁ କମିଶନ୍ ସୁପାରିଶ କରିଥିଲେ। ରିପୋର୍ଟ ଅନୁସାରେ, ରାଜ୍ୟର ୨୦% ଅ□ଳରେ ଜଳ କ୍ଲୋରାଇଡ୍ ପ୍ରଦୂଷିତ। ୭୦% ଅ□ଳରେ ମାତ୍ରାଧିକ ଲୌହ ପ୍ରଦୂଷଣ ରହିଛି ଏବଂ ୨% ଅ□ଳରେ ଜଳ ଫ୍ଲୋରାଇଡ୍ ପ୍ରଦୂଷିତ ହୋଇ ରହିଛି। ଉପକୂଳ ଓଡ଼ିଶାର ଅନେକ ଅ□ଳର ପାଣି ଲୁଣିଆ ଓ କ୍ଷାରଯୁକ୍ତ। ଏସବୁ ଅ□ଳର ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି ବୋଲି କମିଶନ୍ ସୂଚାଇଛନ୍ତି। ୧୩ଟି ବ୍ଲକର ୭୪୦ଟି ଗାଁରେ ସ୍ଥିତି ଅତି ଗୁରୁତର। ପାଣି ମିଳୁନାହିଁ, ଯାହା ମିଳୁଛି ଅତି ମାତ୍ରାରେ ଦୂଷିତ। ଯେଉଁଥିପାଇଁ ଏସବୁ ଗାଁରେ ରହୁଥିବା ୫ଲକ୍ଷ ୯୦ ହଜାର ଲୋକଙ୍କ ଜୀବନ ବିପନ୍ନ। ଏମାନଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ପାଇପ୍ ଯୋଗେ ପାନୀୟଜଳ ଯୋଗାଇଦେବାକୁ କମିଶନ ସୁପାରିଶ କରିଛନ୍ତି। ଏସବୁ ବ୍ଲକଗୁଡ଼ିକ ହେଲା- ବାଲେଶ୍ୱର ଜିଲ୍ଲାର ଭୋଗରାଇ, ଭଦ୍ରକ ଜିଲ୍ଲାର ଭଣ୍ଡାରୀପୋଖରୀ, କଟକ ଜିଲ୍ଲାର ନରସିଂହପୁର, ପୁରୀର ସତ୍ୟବାଦୀ, ବଲାଙ୍ଗୀର ଜିଲ୍ଲାର ସଇଁତଳା ଓ ଟିଟିଲାଗଡ଼,



କେନ୍ଦୁଝର ଜିଲ୍ଲାର ଚମ୍ପୁଆ, ଝୁମ୍ପୁରା ଓ ଜଗତ୍‌ସିଂହପୁର ଜିଲ୍ଲାର ଏରସମା, ବାଲିକୁଦା, ନୂଆଗାଁ ଏବଂ ନୂଆପଡ଼ା ଜିଲ୍ଲାର ଖରିଆର। ଏହି ଅ□ଳକୁ ଯଥାକ୍ରମେ ସୁବର୍ଣ୍ଣରେଖା, ବୈତରଣୀ, ମହାନଦୀ, ଭାର୍ଗବୀ, ତେଲ ନଦୀ, କାନପୁର ସେଚ ପ୍ରକଳ୍ପ, ଦେବୀ ନଦୀ ଏବଂ ଲୋୟର୍ ଇନ୍ଦ୍ରାବତୀ ସେଚ ପ୍ରକଳ୍ପରୁ ପାଣି ଯୋଗାଇଦେବାକୁ କୁହାଯାଇଛି। ଏଥିପାଇଁ ୫୯୧ କୋଟି ଟଙ୍କାର ତୁରନ୍ତ ବ୍ୟୟବରାଦ କରିବାକୁ କମିଶନ ସୁପାରିଶ କରିଥିଲେ। ରାଜ୍ୟର ମୋଟାମୋଟି ପାନୀୟ ଜଳ ସ୍ଥିତି ସମ୍ପର୍କରେ ତଥ୍ୟ ରଖି କମିଶନ ଦର୍ଶାଇଥିଲେ, ଗ୍ରାମା□ଳର ମୋଟ ୧ ଲକ୍ଷ ୫୭ ହଜାର ୨୯୬ଟି ବସତି ମଧ୍ୟରୁ ୧ ଲକ୍ଷ ୨ ହଜାର ୧୧୦ଟି ବସତିକୁ ପାନୀୟ ଜଳ ମିଳୁଛି ଦିନକୁ ମୁଣ୍ଡପିଛା ୪୦ ଲିଟର ଲେଖାଏଁ। ଏଥିରୁ ପ୍ରାୟ ୪୮ ହଜାର ୪୬୬ଟି ବସତିକୁ ଆଂଶିକ ଭାବେ ପାନୀୟଜଳ ଦିଆଯାଉଛି। ଅର୍ଥାତ୍ ଯେଉଁଠି ୪ଟି କିମ୍ବା ୫ଟି ନଳକୂପ ଦରକାର ସେଠି ମିଳୁଛି ମାତ୍ର ଗୋଟିଏ। ଅନେକ ଗାଁରେ ସ୍ଥାପନ ହୋଇଥିବା ନଳକୂପ ଅଚଳ ହୋଇପଡ଼ିଛି। ଏଣୁ ଆସନ୍ତା ୫ ବର୍ଷ ମଧ୍ୟରେ ପ୍ରତି ଜନବସତିକୁ ହାରାହାରି ଦୁଇଟି ଲେଖାଏଁ ନଳକୂପ ଯୋଗାଇଦେବା ପାଇଁ କମିଶନ ସୁପାରିଶ କରିଥିଲେ। ଏଥିପାଇଁ ୭୭୫ କୋଟି ଟଙ୍କା ବ୍ୟୟବରାଦ ରଖାଯିବା ଦରକାର ବୋଲି କୁହାଯାଇଥିଲା। ପାଇପ୍ ଯୋଗେ ମାତ୍ର ୩୫ ହଜାର ୨୩୩ ବସତିକୁ ପାଣି ଦିଆଯାଉଛି। ଏହି ଜଳ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ଏବଂ ମରାମତି ପାଇଁ ଆସନ୍ତା ୫ ବର୍ଷ ମଧ୍ୟରେ ୨୫୧୫ କୋଟି ଟଙ୍କା ଦେବା ପାଇଁ ଅର୍ଥ କମିଶନ ସୁପାରିଶ କରିଥିଲେ। ସହରା□ଳ ପାନୀୟ ଜଳ ସ୍ଥିତି ମଧ୍ୟ ଗମ୍ଭୀର ବୋଲି ଦର୍ଶାଇ କମିଶନ କହିଥିଲେ, ମୋଟ ୧୦୯ଟି ସହରା□ଳରେ ଥିବା ୧୮୪୩ଟି ୱାର୍ଡ଼ ମଧ୍ୟରୁ ମାତ୍ର ୫୫୨ଟି ୱାର୍ଡ଼କୁ ସମ୍ପୂର୍ଣ୍ଣ ଭାବେ ପାନୀୟ ଜଳ ଯୋଗାଣ କରାଯାଉଛି। ୧୧୪୬ଟି ୱାର୍ଡ଼ରେ ଆଂଶିକ ଯୋଗାଣ ହେଉଛି। ୧୪୫ଟି ୱାର୍ଡ଼କୁ ସରକାର ଭୁଲି ଯାଇଛନ୍ତି। ଯେଉଁଠି ପାନୀୟ ଜଳଯୋଗାଣ ବ୍ୟବସ୍ଥା ହୋଇଛି, ତା'ର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ଆସନ୍ତା ୫ ବର୍ଷ ମଧ୍ୟରେ ପାଖାପାଖି ୨୨ଶହ କୋଟି ଟଙ୍କା ଏସବୁ ପୌରା□ଳକୁ ହସ୍ତାନ୍ତର କରିବା ଲାଗି କମିଶନ ଗୁରୁତ୍ୱାରୋପ କରିଥିଲେ। ଏହାଛଡ଼ା ଦିନକୁ ମୁଣ୍ଡପିଛା ୪୦ ଲିଟର ପାଣିକୁ ପ୍ରଥମେ ୭୦ ଲିଟର ଓ ପରେ ୧୩୫ ଲିଟରକୁ ବୃଦ୍ଧି କରିବା ପାଇଁ କମିଶନ କହିଥିଲେ। ଓଡ଼ିଶା ସହରା□ଳ ଜଳନୀତି ମୁତାବକ ସହରା□ଳରେ ଜଳଯୋଗାଣ ସ୍ଥାପନ ପାଇଁ ଆଗାମୀ ଦଶ ବର୍ଷ ମଧ୍ୟରେ ୨୭୦୩ କୋଟି ଟଙ୍କା ବ୍ୟୟବରାଦ କରିବା ପାଇଁ କମିଶନ ସୁପାରିଶ କରିଥିଲେ। ଖାଦ୍ୟ ଅଭାବରୁ ପ୍ରାଣୀମାନେ ବ□ିବା ଯେଭଳି ଅସମ୍ଭବ, ଜଳ ଅଭାବରୁ ବ□ିବା ତା' ଠାରୁ ଅଧିକ କଷ୍ଟସାଧ୍ୟ। ତେଣୁ ରାଜ୍ୟର ପ୍ରଗତିର ମାନଦଣ୍ଡ ଭାବରେ କଂକ୍ରିଟ୍ ସିମେଣ୍ଟ ରାସ୍ତା, ଉଚ୍ଚ ଅଟ୍ଟାଳିକା, କଳକାରଖାନା ପାଇଁ ରାଜ୍ୟ ସରକାର ଗର୍ବିତ ହେବା ପରିବର୍ତ୍ତେ ରାଜ୍ୟର ଜଳ ସମସ୍ୟାର ବାସ୍ତବ ସମାଧାନ ଦିଗରେ ଅଗ୍ରାଧିକାର ଦେବା ଏକାନ୍ତ ଆବଶ୍ୟକ। ଜଳସଙ୍କଟ ଯୋଗୁଁ ରାଜ୍ୟର ମନୁଷ୍ୟଠାରୁ ଆରମ୍ଭ କରି ସମସ୍ତ ପ୍ରାଣୀଙ୍କର ସ୍ୱାସ୍ଥ୍ୟହାନି ଘଟି ବିପର୍ଯ୍ୟୟ ଘଟୁଥିବାରୁ ଆମର ସମ୍ବେଦନଶୀଳ ମୁଖ୍ୟମନ୍ତ୍ରୀ ବାସ୍ତବ ଦୃଷ୍ଟିକୋଣରୁ ଏହି ସମସ୍ୟାର ସମାଧାନ ପାଇଁ ଦୃଢ଼ ପଦକ୍ଷେପ ନେବା ଲାଗି ଆଗେଇଆସିବା ଉଚିତ। କେବଳ କାଗଜପତ୍ରରେ ସମସ୍ୟାର ସମାଧାନରେ ଆତ୍ମସନ୍ତୋଷ ଲାଭ ନକରି ପ୍ରତ୍ୟକ୍ଷ ଅନୁଭୂତିରୁ ଆତ୍ମସନ୍ତୋଷ ଲାଭ କରିବା ଏକାନ୍ତ ଆବଶ୍ୟକ।

**ଡଃ. ଅରୁନ୍ଧତୀ ଦେବୀ,** ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ: ୯୯୩୭୧୭୨୮୧୦

## ଆଜିର ଅନୁଚିନ୍ତା

*ବାଲି ଯେପରି ରୁକ୍ଷ ଓ କର୍କଶ, ଅଶିଷ୍ଟ ମନୁଷ୍ୟ ସେହିପରି ରୁକ୍ଷ ଓ କର୍କଶ ହୋଇଥାଏ।*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଡକ୍ଟର ହରେକୃଷ୍ଣ ମହତାବ: ଏକ ବହୁମୁଖୀ ପ୍ରତିଭା

**ହିମାଂଶୁଶେଖର ଆଚାର୍ଯ୍ୟ**





ସମୟ ଓ ଜୁଆର କାହାକୁ ଅପେକ୍ଷା କରେନାହିଁ। ବିସ୍ମୃତିର ପାଣିକନା ସମୟ ସ୍ଲେଟରୁ ଅନେକ ଲେଖା ପୋଛିଦେଲେବି ଏମିତି କିଛି ଲେଖା ରହିଯାଏ ଯାହା ପୋଛି ହୁଏନା । ତାହା ସ୍ମୃତି ହୋଇ ରହିଯାଏ । ଏହିଭଳି ଏକ କାଳଜୟୀ ସ୍ମୃତିର ଅଧିକାରୀ ଥିଲେ ପ୍ରଖ୍ୟାତ ଜନନାୟକ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସୁସାହିତ୍ୟିକ, ଦକ୍ଷ ସଂପାଦକ ତଥା ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବ । ଏହି ଯୋଗଜନ୍ମା ବରପୁତ୍ର ଜନ୍ମ ନେଇଥିଲେ ୧୮୯୯ ମସିହା ନଭେମ୍ବର ୨୧ ତାରିଖରେ। ତାଙ୍କର ୮୮ ବର୍ଷର କର୍ମମୟ ଓ ଘଟଣାବହୁଳ ଜୀବନର ଅବସାନ ଘଟିଲା ୧୯୮୭ ମସିହା ଜାନୁୟାରୀ ୨ ତାରିଖରେ।

ତୁଳସୀ ଦୁଇ ପତ୍ରରୁ ବାସିଲା ପରି ବାଲ୍ୟ କାଳରୁ ହରେକୃଷ୍ଣ ମହତାବଙ୍କ ବହୁମୁଖୀ ପ୍ରତିଭାର ଉନ୍ମେଷ ହୋଇଥିଲା। ଓଡିଶାର ରାଜନୀତି, ଶିକ୍ଷା,ସାହିତ୍ୟ, ସମାଜସେବା ଓ ସାମ୍ବାଦିକତା- ସମସ୍ତ କ୍ଷେତ୍ରରେ ସେ ନିଜର ପଦାଙ୍କ ଛାଡି ଯାଇଛନ୍ତି । ଓଡିଶାର ପୂର୍ଣ୍ଣାଙ୍ଗ ଇତିହାସ ରଚନା କରି ସେ ହୋଇଯାଇଛନ୍ତି ଯୁଗପୁରୁଷ। ଖାଲି ସେତିକି ନୁହେଁ, ଥରେ ସିଏ ଯାହା ଚିନ୍ତା କରୁଥିଲେ ତାକୁ କାର୍ଯ୍ୟରେ କରି ଦେଖାଉଥିଲେ। ଏଥିରୁ ତାଙ୍କୁ କେହି ବିଚ୍ୟୁତ କରିପାରୁ ନ ଥିଲେ । ଏପରିକି ତାଙ୍କ ବ୍ୟତିରେକ ଓଡିଶା ରାଜନୀତିର କୌଣସି ସଂଜ୍ଞା, ସ୍ଥିତି ନାହିଁ । ସମସ୍ତ ଉଲ୍ଲେଖଯୋଗ୍ୟ ରାଜନୀତିକ ଉତ୍‌ଥାନ-ପତନରେ ତାଙ୍କର ହାତ ଥିବା ଅନେକ ବିଶ୍ୱାସ କରୁଥିଲେ। ସତରେ ସେ ଥିଲେ ଏକ ରାଜନୀତିକ ବିସ୍ମୟ, ଯାହାଙ୍କ ଚିନ୍ତାରେ, କଥାରେ, ଲେଖାରେ ଓ କାର୍ଯ୍ୟରେ ଗୋଟିଏ ଜାତିର ଶ୍ୱାସ-ପ୍ରଶ୍ୱାସ ଏମିତି ସ୍ପନ୍ଦିତ ହେଉଥିଲା । ସେ ଖାଲି ଜଣେ ବ୍ୟକ୍ତିବିଶେଷ ନଥିଲେ, ଥିଲେ ଏକ ସ୍ୱୟଂସଂପୂର୍ଣ୍ଣ ଅନୁଷ୍ଠାନ।

ଡକ୍ଟର ମହତାବଙ୍କ କର୍ମମୟ,ସଂଗ୍ରାମୀ ଓ ରାଜନୈତିକ ଜୀବନ ବେଶ୍ ଚଳଚ□ଳ ଥିଲା। ନିଜର ଅସାଧାରଣ ବ୍ୟକ୍ତିତ୍ୱ ଓ ପରାକାଷ୍ଠା ଯୋଗୁ ପ୍ରାୟ ଅର୍ଦ୍ଧଶତାବ୍ଦୀ ଧରି ୧୯୨୪ ମସିହାରୁ ୧୯୭୪ ମସିହା ପର୍ଯ୍ୟନ୍ତ ଓଡିଶା ତଥା ଜାତୀୟ ରାଜନୀତିକୁ ପ୍ରଭାବିତ କରିଥିଲେ । ୧୯୩୭ ମସିହାରେ ରାଜ୍ୟ କଂଗ୍ରେସର ସଭାପତି ଭାବେ ସଂଗଠନରେ ପାଦ ଥାପିଥିଲେ ସେ । ପରେ ୧୯୩୮ ମସିହାରେ ଭାରତୀୟ ଜାତୀୟ କଂଗ୍ରେସର କାର୍ଯ୍ୟକାରୀ ସମିତି ସଭ୍ୟରୂପେ ତାଙ୍କୁ ମନୋନୀତ କରାଯାଇଥିଲା । ଏହି ସମୟରେ ନିଜର ଅପୂର୍ବ ସାଂଗଠନିକ ଦକ୍ଷତାର ପ୍ରମାଣ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ୧୯୪୬ରୁ ୧୯୫୦ ମସିହା ପର୍ଯ୍ୟନ୍ତ ସେ ଓଡିଶାର ପ୍ରଧାନମନ୍ତ୍ରୀ ପରେ ମୁଖ୍ୟମନ୍ତ୍ରୀ ହେବାର ଗୌରବ ଲାଭ କରିବା ସହ ପରବର୍ତ୍ତୀ ପର୍ଯ୍ୟାୟରେ ୧୯୫୬ ମସିହାରେ ଦ୍ୱିତୀୟ ଥର ପାଇଁ ଓଡିଶାର ମୁଖ୍ୟମନ୍ତ୍ରୀ ପଦ ମଣ୍ଡନ କରି ୧୯୬୧ ମସିହା ପର୍ଯ୍ୟନ୍ତ ସେଥିରେ ଅବସ୍ଥାପିତ ହୋଇଥିଲେ । ସେହିପରି ୧୯୫୦ ମସିହାରୁ ୧୯୫୨ ମସିହା ପର୍ଯ୍ୟନ୍ତ କେନ୍ଦ୍ର ଶିଳ୍ପ, ବାଣିଜ୍ୟ ଓ ଯୋଗାଣ ମନ୍ତ୍ରୀ ରୂପେ ନିଜ ଦାୟିତ୍ୱ ସୂଚାରୁରୂପେ ତୁଲାଇଥିଲେ । ୧୯୫୫-୧୯୫୬ ମସିହାରେ ବମ୍ବେ ରାଜ୍ୟର ରାଜ୍ୟପାଳ ହେବାର ସୌଭାଗ୍ୟ ଡକ୍ଟର ମହତାବ ହିଁ ଲାଭ କରିଥିଲେ । ୧୯୬୨ ମସିହାରେ ଯେଉଁ ତିନିଜଣ ସଦସ୍ୟ ଅପ୍ରତିଦ୍ୱନ୍ଦ୍ୱୀ ଭାବରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ ତନ୍ମଧ୍ୟରୁ ମହତାବ ଥିଲେ ଜଣେ । ସେହିପରି ୧୯୬୬ ମସିହାରେ କଂଗ୍ରେସ ଦଳ ତ୍ୟାଗ ପରେ ୧୯୬୭, ୧୯୭୧ ଓ ୧୯୭୪ ମସିହାରେ ସେ ମଧ୍ୟ ଓଡିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ ।

ମହତାବଙ୍କ ଶାସନକାଳ ଓଡିଶା ପାଇଁ ଏକ ସୁବର୍ଣ୍ଣଯୁଗ ଥିଲା କହିଲେ ଭୁଲ୍ ହେବ ନାହିଁ । ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ସ୍ୱକୀୟତା, ସାହସ ଓ ନିର୍ଭୀକତା ପରିସ୍ଫୁଟ ହୋଇଥିଲା । ଆଧୁନିକ ଓଡିଶାର ନିର୍ମାତା ଭାବେ ଇତିହାସରେ ତାଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ। ଗଡଜାତ ମିଶ୍ରଣ, ଭୁବନେଶ୍ୱରରେ ନୂଆ ରାଜଧାନୀ ପ୍ରତିଷ୍ଠା, ଓଡିଶା ଟେକ୍ସଟାଇଲ୍ ମିଲ୍, କଟକ ଆକାଶବାଣୀ କେନ୍ଦ୍ର ପ୍ରତିଷ୍ଠାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଆଜି ବି ଉଚ୍ଚ ପ୍ରଶଂସିତ । ବିଶେଷ କରି ଓଡିଶାକୁ ମହତାବଙ୍କ ସର୍ବଶ୍ରେଷ୍ଠ ଅବଦାନ ହେଉଛି ହୀରାକୁଦ ବନ୍ଧ। ୧୯୪୮ ମସିହା ଏପ୍ରିଲ ୧୨ ତାରିଖରେ ଭରତର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଓଡିଶାରେ ହାଇକୋର୍ଟ ପ୍ରତିଷ୍ଠା ଦିଗରେ ମହତାବ ଆଶୁ ପଦକ୍ଷେପ ନେଲେ । ସୁପ୍ରିମକୋର୍ଟର ସେତେବେଳର ପ୍ରଧାନ ବିଚାରପତିଙ୍କ ଦ୍ୱାରା ଏହା ଉଦ୍‌ଘାଟିତ ହୋଇଥିଲା। ଓଡିଶାରେ ଖେଳ କସରତକୁ ପ୍ରୋତ୍ସାହନ ଦେବାପାଇଁ ମହତାବଙ୍କ ଅବଦାନ ବହୁତ ବେଶୀ । ଓଡିଶା ଅଲମ୍ପିକ ଆସୋସିଏସନ୍ ତାଙ୍କ ଉଦ୍ୟମରେ ଗଠିତ ହୋଇଥିଲା। ସେ ଶେଷ ପର୍ଯ୍ୟନ୍ତ ତା'ର ସଭାପତି ଥିଲେ । ବାରବାଟୀ ଷ୍ଟାଡିୟମ୍ ନିର୍ମାଣରେ ସେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।

ରାଜନୀତି ଓ ସାହିତ୍ୟ ସାଧନା ସହିତ ମହତାବ ସାମ୍ବାଦିକତାକୁ ନିଜ ଜୀବନର ଅଙ୍ଗ ବୋଲି ଭାବି ନେଇଥିଲେ। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ସଫଳତା ସାର୍ଥକ ଜନମତ ଉପରେ ନିର୍ଭର କରେ ବୋଲି ସେ ମର୍ମେ ମର୍ମେ ଅନୁଭବ କରିଥିଲେ। ଜନମତକୁ ପ୍ରତିଫଳିତ କରିବା ପାଇଁ ସେ ପ୍ରତିଷ୍ଠା କରିଥିଲେ "ପ୍ରଜାତନ୍ତ୍ର"। ୧୯୨୩ ମସିହାରେ ଏହା ପ୍ରଥମେ ସାପ୍ତାହିକ ଭାବେ ପ୍ରକାଶ ପାଇବା ପରେ ୧୯୪୭ ମସିହାଠାରୁ ଏହା ଦୈନିକ ପ୍ରକାଶ ପାଇଆସୁଅଛି । ପ୍ରଜାତନ୍ତ୍ରର ବହୁ ବିଭାଗ ଦେଖିବାକୁ ମିଳେ। ଏହାର ଆଉ ଏକ ଆକର୍ଷଣୀୟ ବିଭାଗ ଥିଲା ଗାଁ-ମଜଲିସ୍ । ଏହାକୁ ମହତାବ ନିଜେ ଲେଖୁଥିଲେ। ଏଥିରେ ଦୁଃଖୀ, ଦରିଦ୍ର, ଶୋଷିତ ଜନସାଧାରଣଙ୍କ ପାଇଁ ସମବେଦନାର ଉଚ୍ଛ୍ୱାସ ଦେଖିବାକୁ ମିଳୁଥିଲା। ଏତଦ୍‌ବ୍ୟତିତ ଶିଶୁପତ୍ରିକା ମୀନାବଜାର ଓ ଝଙ୍କାରର ସେ ସ୍ରଷ୍ଟା ଥିଲେ। ପ୍ରଜାତନ୍ତ୍ର ପ୍ରଚାର ସମିତିର ସଭାପତି ଥାଇ ସେ ସାରସ୍ୱତ ବିଷୁବ ମିଳନର ପରିକଳ୍ପନା କରିଥିଲେ । ପ୍ରତିବର୍ଷ ଏହି ଉତ୍ସବରେ କବି, ଲେଖକ ଓ ସାହିତ୍ୟିକମାନେ ସମ୍ବର୍ଦ୍ଧିତ ହେଉଛନ୍ତି । ଏବେ ମଧ୍ୟ ବିଷୁବ ମିଳନ ସମାରୋହରେ ତାଙ୍କର ଶୂନ୍ୟତା ବେଶ୍ ବାରିହୋଇପଡେ ।

ମହତାବଙ୍କର ସାହିତ୍ୟ କ୍ଷେତ୍ରରେ ମଧ୍ୟ ଗଭୀର ପ୍ରବେଶ ଓ ଅନୁରାଗ ଥିଲା । ସେ ଥିଲେ ଜଣେ ଲବ୍ଧପ୍ରତିଷ୍ଠ ସାହିତ୍ୟିକ। ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ ମଧ୍ୟ ଲେଖନୀଚାଳନାରୁ ସେ ବିରତ ହୋଇ ନ ଥିଲେ। ତାଙ୍କର ପ୍ରବନ୍ଧଗୁଡିକ ଯେପରି ଭାବୋଦ୍ଦୀପକ, ତାଙ୍କ ଉପନ୍ୟାସଗୁଡିକ ସେପରି ପ୍ରାଣବନ୍ତ ଥିଲା। ଏଥିସହିତ ଗଳ୍ପ, ଏକାଙ୍କିକା ଓ କାବ୍ୟ କବିତା ଲେଖିବାରେ ସେ ମାହିର ଥିଲେ। ତାଙ୍କର ପ୍ରକାଶିତ ଉପନ୍ୟାସଗୁଡିକ ହେଲା ପ୍ରତିଭା, ଅବ୍ୟାପାର, ନୂତନ ଧର୍ମ, ଟାଉଟର, ତୃତୀୟ ପର୍ବ ଓ ୧୯୭୫। ପ୍ରବନ୍ଧଗୁଡିକ ଭିତରେ ରହିଛି ସମାଜ ଉପରେ ସାହିତ୍ୟର ପ୍ରଭାବ, ହଜାରେ ବର୍ଷରେ ଓଡ଼ିଆ ସାହିତ୍ୟ, ଭାରତୀୟ ସଂସ୍କୃତିକୁ ଓଡ଼ିଶାର ଅବଦାନ, ଗୀତା ଓ ଜନତା ଓ ସାହିତ୍ୟ ଓ ରାଜନୀତି। ବହୁ ବିଶିଷ୍ଟ ଲୋକଙ୍କ ପରି ସେ ଆତ୍ମଜୀବନୀ ଲେଖିଛନ୍ତି- 'ସାଧନାର ପଥେ' । ଏହା ଉଚ୍ଚକୋଟୀର ଆତ୍ମଜୀବନୀ। ବିଶେଷକରି ତାଙ୍କ ରଚିତ 'ଓଡ଼ିଶା ଇତିହାସ' ଏକ ଅନନ୍ୟ ସୃଷ୍ଟି ଯାହା ଭବିଷ୍ୟତ ଗବେଷକମାନଙ୍କୁ ଯୁଗଯୁଗ ଧରି ପ୍ରେରଣା ଦେଇଆସୁଥିବ। ଐତିହାସିକ ମଜୁମ୍‌ଦାରଙ୍କ ଭାଷାରେ ଓଡିଆ ଭାଷାରେ ଆଧୁନିକ ବୈଜ୍ଞାନିକ ପଦ୍ଧତିରେ ଯେଉଁ କେତୋଟି ପୂର୍ଣ୍ଣାଙ୍ଗ ଇତିହାସ ରଚିତ ହୋଇଛି, ତନ୍ମଧ୍ୟରୁ 'ଓଡିଶା ଇତିହାସ' ଶ୍ରେଷ୍ଠ ଗ୍ରନ୍ଥ। ଏଥିପାଇଁ ୧୯୫୦ ମସିହାରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟ, ୧୯୫୬ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ, ୧୯୫୮ ମସିହାରେ ସାଗର ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନଜନକ ଡି.ଲିଟ୍. ଉପାଧିରେ ଭୂଷିତ କରିଥିଲେ।

ଡକ୍ଟର ହରେକୃଷ୍ଣ ମହତାବ ଆଜି ଆମ ଗହଣରେ ନାହାଁନ୍ତି ସତ, ହେଲେ ତାଙ୍କ ଅବର୍ତ୍ତମାନରେ ବିରାଟ ଶୂନ୍ୟତା। ସେହି ଶୂନ୍ୟତା ଭିତରେ ଉଙ୍କିମାରୁଛି ତାଙ୍କ କୀର୍ତ୍ତି ଓ କୃତିତ୍ୱର ପାଦଚିହ୍ନ।

*-ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର, ମୋ-୯୯୩୭୧୫୧୦୫୨*

# —ସହିଦ ଲକ୍ଷ୍ମଣ ନାୟକ—

**ଡକ୍ଟର ବାୟାମନୁ ଚର୍ଚ୍ଚି**



"ସୂର୍ଯ୍ୟ ଯଦି ସତ୍ୟ ହୋଇଥାଏ, ଚନ୍ଦ୍ର ଯଦି ସତ୍ୟ ହୋଇଥାଏ, ତେବେ ଭାରତମାତା ଯେ ସ୍ୱାଧୀନ ହେବ ତାହା ମଧ୍ୟ ସେହିପରି ସତ୍ୟ ହେବ । ଏଥର ଦେଖାଅ କେଉଁଠି ରହିଛି ତୁମର ଫାଶୀ ଖୁଣ୍ଟ ।" ୧୯୪୩ ମସିହା ମାର୍ଚ୍ଚ ୨୯ ତାରିଖ ଭୋର ୫ଟା ବେଳେ ବ୍ରହ୍ମପୁର ଜେଲ୍‌ରେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ଆକ୍ରୋଶମୂଳକ ଭାବେ ବ୍ରିଟିଶରାଜର ଶାସନରେ ଫାଶୀଦଣ୍ଡ ପାଇଥିବା ଜଣେ ମହାନ ବିପ୍ଳବୀ ଲକ୍ଷ୍ମଣ ନାୟକଙ୍କର ଏହା ଥିଲା ଅଭିବ୍ୟକ୍ତି । ଅଧୀକ୍ଷକ ନାୟାର ଲକ୍ଷ୍ମଣଙ୍କ ଶେଷଇଚ୍ଛା ବ୍ୟକ୍ତ କରିବାକୁ କହିବା ବେଳେ ଏଭଳି ଧର୍ମୀୟ ଓ ଦେଶାତ୍ମବୋଧ ଭାବପୂର୍ଣ୍ଣ ବକ୍ତବ୍ୟ ପ୍ରଦାନ କରିଥିଲେ ସହିଦ ଲକ୍ଷ୍ମଣ ନାୟକ ।

କୋରାପୁଟର 'ଭୂମିଆ' ଗୋଷ୍ଠୀର ଆଦିବାସୀ ହେଉଛନ୍ତି ଲକ୍ଷ୍ମଣ ନାୟକ । ଜନ୍ମସ୍ଥାନ ତେନ୍ତୁଳିଗୁମ୍ମା ଏବଂ ଜନ୍ମ ୧୮୯୯ ମସିହା ନଭେମ୍ବର ୨୨ ତାରିଖ। ପିତା ପଦଲାମ ନାୟକ ଜଣେ ପ୍ରତିଷ୍ଠିତ ଆଦିବାସୀ ନେତା ଏବଂ ଜୟପୁର ରାଜାଙ୍କର ଥିଲେ ସେ ମୁସ୍ତାଦାର। ଗୋତି, ବେଠି, ଗଡମ ଆଦିବାସୀ ଦାରିଦ୍ର୍ୟର ମୁଖ୍ୟ କାରଣ ବୋଲି ହୃଦ୍‌ବୋଧ କରି ଅତ୍ୟାଚାର ବିରୁଦ୍ଧରେ ସଂଗ୍ରାମ କରିବା ପାଇଁ ଦୃଢ଼ ସଂକଳ୍ପ ନେଇଥିଲେ ଲକ୍ଷ୍ମଣ ।

୧୯୩୬ ମସିହାଠାରୁ କୋରାପୁଟ ଜିଲ୍ଲାରେ ରାଧାକୃଷ୍ଣ ବିଶ୍ୱାସରାୟ, ରାଧାମୋହନ ସାହୁ ଓ ସଦାଶିବ ତ୍ରିପାଠୀଙ୍କ ଦୃଢ଼ ନେତୃତ୍ୱରେ ଜାତୀୟ କଂଗ୍ରେସ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହେଲା। ମାତିଲି ହାଟରେ ଅନ୍ୟାୟ ଟିକସ ବିରୋଧୀ ଆନ୍ଦୋଳନ କରି ଲକ୍ଷ୍ମଣ ନାୟକ ୧୯୩୬ରେ ପ୍ରଥମ ଥର ପାଇଁ ଗିରଫ ହେଲେ । ୧୯୩୭ ଡିସେମ୍ବର ମାସରେ ଜୟପୁର ନିକଟବର୍ତ୍ତୀ ନୂଆପୁଟରେ କଂଗ୍ରେସ ତାଲିମକେନ୍ଦ୍ର ପ୍ରତିଷ୍ଠା ହେଲା। ଉଦ୍‌ଘାଟନ କଲେ କଂଗ୍ରେସ ନେତା ଗୋପବନ୍ଧୁ ଚୌଧୁରୀ। ଲକ୍ଷ୍ମଣ ନାୟକ ଏହି କେନ୍ଦ୍ରରେ ତାଲିମ ନେଲେ ।

ଗାନ୍ଧୀବାଦର ଭିତ୍ତି ହେଉଛି ସତ୍ୟ ଓ ସତ୍ୟର ପ୍ରୟୋଗ। ଏହା ଅହିଂସାରେ ବିଶ୍ୱାସ କରେ। ହିଂସା ପ୍ରଣୋଦିତ ବ୍ୟବସ୍ଥାକୁ ଅହିଂସା ଉପାୟରେ ଖଣ୍ଡନ କରାଯାଇ ପାରେ। ଅ□ଳର ବିଶିଷ୍ଟ କଂଗ୍ରେସ କର୍ମୀ, ଜନପ୍ରିୟ ନେତା ନୀଳକଣ୍ଠ ପାତ୍ରଙ୍କ ଦ୍ୱାରା ପ୍ରଭାବିତ ହୋଇ ଲକ୍ଷ୍ମଣ କଂଗ୍ରେସରେ ଯୋଗଦାନ କରି ଗାନ୍ଧୀବାଦକୁ ଆସ୍ଥା ପ୍ରକଟ କଲେ। 'ଚରମପନ୍ଥୀ' ଲକ୍ଷ୍ମଣ ନାୟକ 'ନରମପନ୍ଥୀ' ପାଲଟିଲେ ଏବଂ 'ମାଲକାନଗିରି' ଗାନ୍ଧୀ ଭାବେ ଆଖ୍ୟାପ୍ରାପ୍ତ ହେଲେ। ବାପାଙ୍କ ମୁସ୍ତାଦାର ପଦବୀରୁ ଖ୍ରୀ. ୧୯୩୦ରେ ଅବସର ପରେ ଲକ୍ଷ୍ମଣ ମୁସ୍ତାଦାର ହେଲେ। ୧୦୦ ଏକର ଜମି ଥିଲା ତାଙ୍କର। ମୁସ୍ତାଦାର ହେବାପରେ କୃଷିର ଉନ୍ନତି, ଗଠନମୂଳକ କାର୍ଯ୍ୟ, ଗ୍ରାମ ପୁନର୍ଗଠନ, ନ୍ୟାୟନିଶାପ, ଶିସ୍ତୁ ଦାଖଲ ଆଦି କ୍ଷେତ୍ରରେ ଦକ୍ଷତା ପ୍ରଦର୍ଶନ ସହ ପରୋପକାରୀ, ନିର୍ଭୀକ, ସ୍ପଷ୍ଟବାଦୀ, ସୁବକ୍ତା, ଜାତିଆଣ ପ୍ରଥା ବିରୋଧୀ ମନୋଭାବ ତାଙ୍କୁ ଲୋକପ୍ରିୟ କରିଥିଲା। ନିଜର ନେତୃତ୍ୱ ବଳରେ ସେ ହେଲେ ମାତିଲି-ମାଲକାନଗିରି ପ୍ରାଥମିକ କଂଗ୍ରେସ ୟୁନିଟ୍‌ର ସଭାପତି। ଜୀବନଧାରା ବଦଳିଗଲା। ବେଶ ପରିପାଟୀ କଂଗ୍ରେସ ନେତାଙ୍କ ଭଳି ହେଲା।

୧୯୪୦ ମସିହାରେ ମାତିଲି ଅ□ଳର ସତ୍ୟାଗ୍ରହ ପାଇଁ ଲକ୍ଷ୍ମଣ ନାୟକ ମନୋନୀତ ହେଲେ। ବ୍ୟକ୍ତିଗତ ଆଇନ ଅମାନ୍ୟ ଆନ୍ଦୋଳନ। ୧୯୪୦-୪୧ରେ ଅନ୍ୟ ସ୍ଥାନୀୟ ଗ୍ରାମବାସୀମାନଙ୍କ ସହ ଜୟପୁର ସବ୍‌ଡିଭିଜନ୍ ଅନ୍ତର୍ଗତ ରାମଗିରି ଫାଣ୍ଡି ଅନ୍ତର୍ଗତ ଇଲାକା ଏବଂ ମାତିଲି ପୋଲିସ ଷ୍ଟେସନ୍ ଇଲାକାରେ ସତ୍ୟାଗ୍ରହ କରି ନଅମାସ ପାଇଁ ସଶ୍ରମ କାରାଦଣ୍ଡ ଆଦେଶ ହୋଇଥିଲା। କିନ୍ତୁ ଚାରିମାସ ଜେଲଦଣ୍ଡ ପରେ ସମସ୍ତ କଂଗ୍ରେସକର୍ମୀଙ୍କୁ ମୁକ୍ତ କରାଗଲା। ଲକ୍ଷ୍ମଣ ନାୟକଙ୍କ ବ୍ୟକ୍ତିତ୍ୱ, କର୍ମନିଷ୍ଠା ଓ ଲୋକପ୍ରିୟତା ବଢ଼ିଗଲା। ୧୯୪୨ ଭାରତଛାଡ଼ ଆନ୍ଦୋଳନରେ କଂଗ୍ରେସ ନେତା ରାଧାକୃଷ୍ଣ ବିଶ୍ୱାସରାୟ ଓ ରାଧାମୋହନ ସାହୁ ଗିରଫ ହେଲାପରେ କୋରାପୁଟର ଅସହଯୋଗ ଆନ୍ଦୋଳନର ନେତୃତ୍ୱ ନେଲେ ଲକ୍ଷ୍ମଣ ନାୟକ। ଅଗଷ୍ଟ ୧୭ ତାରିଖ ଦିନ ସେ କଂଗ୍ରେସ କର୍ମୀଙ୍କୁ ଧରି କୋଣ୍ଡାବେଡ଼ା ଓ କୁଞ୍ଚିପଲ୍ଲୀଠାରେ ଥିବା ମଦଦୋକାନ ନଷ୍ଟ, ସରଞ୍ଜାମ ଭଂଗ ନଷ୍ଟ, ତା' ପରଦିନ ସିନ୍ଧାବେଡ଼ାକ ମଦଦୋକାନ ଭଂଗା ଏବଂ ମୋତି ସିଂକୁ ପ୍ରରୋଚିତ ପରି ପୁଶପାଲ୍ଲୀ ମଦଦୋକାନ ଭଂଗା କାର୍ଯ୍ୟରେ ନିଜକୁ ସାମିଲ କଲେ। ଆଦିବାସୀମାନେ ବିଶ୍ୱାସ କଲେ ନୂତନ ଶାସନ ହେଲେ ଲକ୍ଷ୍ମଣ ନାୟକ ସେମାନଙ୍କର ରାଜା ହେବେ ।

୧୯୪୨ ଅଗଷ୍ଟ ୨୧ (ଶ୍ରାବଣମାସ କୃଷ୍ଣପକ୍ଷ ଶୁକ୍ରବାର) ଦିନ ଗାନ୍ଧୀଙ୍କ 'କର ବା ମର' ନୀତି ଆଧାରରେ ମାତିଲି ଥାନା ଅଭିମୁଖେ ଯାତ୍ରା କଲେ । ମାତିଲି ସଂଘର୍ଷରେ ଫରେଷ୍ଟ ଗାର୍ଡ଼ ଜି. ରାମାୟାଙ୍କ ପୋଲିସ ମାଡ଼ରେ ମୃତ୍ୟୁ ହୋଇଥିଲେ ବି ମିଥ୍ୟା ମକଦ୍ଦମା କରି ତାଙ୍କୁ ଗିରଫ କରାଗଲା ଏବଂ ତାଙ୍କୁ ଭି. ରାମନାଥଙ୍କ କୋର୍ଟରେ ଫାଶୀଦଣ୍ଡରେ ଦଣ୍ଡିତ କରାଗଲା। ଲକ୍ଷ୍ମଣ କହୁଥିଲେ-"ଆମେ ଅନ୍ୟାୟ କରିବୁ ନାହିଁ । ଅନ୍ୟାୟ ଟିକସ ଦେବୁନାହିଁ, କି ବୋଝ ବୋହିବାକୁ ବେଠିଆ ହେବୁନାହିଁ । ଯେ ଯେତେବଡ଼ ଅଧିକାରୀ ହେଉ, ଆମେ ଅସହଯୋଗ କରିବୁ। ଆମେ ସଭା କରିବୁ, ଆମ ମନଦୁଃଖ ହେଲେ ବଡ଼ପାଟିରେ କହିବୁ । ତୁମେ ଆମକୁ ଧର, ମାର, ଜେଲ ଦିଅ, ହାଣ କି କାଟ ଆମେ ଆପତ୍ତି କରିବୁ ନାହିଁ। ତୁମ ଉପରକୁ ହାତ ଟେକିବୁ ନାହିଁ। ଗାନ୍ଧୀ ମହାତ୍ମା ମନା କରିଛି। ଆମେ ମାଡ଼ ଖାଇବୁ, ମାଡ଼ ଦେବୁ ନାହିଁ କିନ୍ତୁ କଥା ମାନିବୁ ନାହିଁ।" ନିର୍ଦ୍ଧାରିତ ଦିନରେ ବ୍ରହ୍ମପୁର ଜେଲରେ ଲକ୍ଷ୍ମଣଙ୍କୁ ଫାଶୀ ଦିଆଗଲା। ଜାତୀୟ କବି ବୀରକିଶୋର ସେଦିନ ଲକ୍ଷ୍ମଣଙ୍କ ଉଦ୍ଦେଶ୍ୟରେ ଲେଖିଥିବା କବିତା- ***"ମରିନାହିଁ କେବେ ମୁଁ ମରିବି ନାହିଁ/ମୋ ପାଇଁ ଭାବନା କରିବ ନାହିଁ । ମୋ ନିଜ ସ୍ମୃତି କରି ମୁଁ ସଞ୍ଜାଳି/ଯାଉଛି ଯିବି ମୋ ପ୍ରାଣ ଦୀପ ଜାଳି ।"*** କୋରାପୁଟର ପିଲାମାନେ ଗାଆନ୍ତି- ***"ଲକ୍ଷ୍ମଣ ନାୟକ ହେ ଲକ୍ଷ୍ମଣ ନାୟକ/ ଦେଶ ଲାଗି ଫାଶୀ ଖୁଣ୍ଟେ ଝୁଲାଇଲ ବେକ/ରଖିଗଲ ଓଡ଼ିଶାର ଟେକ ।"***

*-ଭାରତୀୟ ସମ୍ବାଦ ସେବା ( ଭାସ) ଭୁବନେଶ୍ୱର-୭୫୧୦୦୩*

# ମହାନୁଭବୀଙ୍କ ପଶ୍ଚାତ୍ତାପ

ସ୍ୱାମୀ ବିବେକାନନ୍ଦଙ୍କ ଜୀବନର ଏହି ଘଟଣା। ସନ୍ନ୍ୟାସ ନେବାପରେ ଅଧିକାଂଶ ସମୟରେ ସେ ପାଦରେ ଚାଲିଚାଲି ବିଭିନ୍ନ ସ୍ଥାନକୁ ଯିବାକୁ ପସନ୍ଦ କରୁଥିଲେ । ଥରେ ଏହିଭଳି ପଦଯାତ୍ରାରେ ଯାଉଥିବା ସମୟରେ ବାଟରେ ଦେଖିବାକୁ ପାଇଲେ ଜଣେ ବ୍ୟକ୍ତି କୂଅରୁ ପାଣି କାଢୁଛି, ଅନ୍ୟ ଜଣେ ପାଣି ପିଉଛି । ସ୍ୱାମିଜୀଙ୍କୁ ଶୋଷ ଲାଗୁଥାଏ । କୂଅ ନିକଟକୁ ଯାଇ ପାଣି କାଢୁଥିବା ବ୍ୟକ୍ତିଙ୍କୁ କହିଲେ- 'ଭାଇ! ମୋତେ ଖୁବ୍ ଶୋଷ କରୁଛି, କିଛି ପାଣି ପିଇବାପାଇଁ ଦିଅନ୍ତୁ ।' କୂଅରୁ ପାଣି କାଢୁଥିବା ବ୍ୟକ୍ତିଜଣକ ଏହା ଶୁଣି ଆଗନ୍ତୁକଙ୍କୁ ଭଲ ଭାବରେ ନିରୀକ୍ଷଣ କଲେ । ଦେଖିଲେ ଗୈରିକ ବସନ ପରିହିତ, ପ୍ରଶାନ୍ତ ବଦନଯୁକ୍ତ ଜଣେ ସୌମ୍ୟଦର୍ଶୀ ସନ୍ନ୍ୟାସୀ। ତାଙ୍କ ବିଚାରରେ ଜଣେ ସନ୍ନ୍ୟାସୀ ଜଳ ମାଗୁଛନ୍ତି ପିଇବାପାଇଁ। ତାଙ୍କୁ କିଭଳି ବା ମୁଁ ପାଣି ପିଇବାକୁ ଦେବି । କିଛିକ୍ଷଣ ଚିନ୍ତା କରି ମଧୁର ସ୍ୱରରେ କହିଲେ- ମୁଁ ନୀଚ ଜାତିର । ମୁଁ କିଭଳି ବା ଆପଣଙ୍କୁ ପାଣି ପିଇବାକୁ ଦେବି ? ସ୍ୱାମିଜୀ 'ନୀଚ ଜାତି' ଶବ୍ଦ ଶୁଣି କିଛି ହେଲେ ନ କହି ସେଠାରୁ ଚାଲିଗଲେ । ଅଳ୍ପ କିଛି ବାଟ ଗଲା ପରେ ହଠାତ୍ ତାଙ୍କର ମନକୁ ଆସିଲା ଏହି ନୀଚ ଜାତି କ'ଣ ? ଜାତି-ପତି ଧାରଣା କାହିଁକି ? ମୁଁ ତ ସନ୍ନ୍ୟାସ ନେବା ସମୟରେ ଏସବୁକୁ ସମ୍ପୂର୍ଣ୍ଣ ତ୍ୟାଗ କରିସାରିଛି। ତଥାପି ମୋର ବୁଦ୍ଧି ଏଭଳି ଭ୍ରଷ୍ଟ ହେଲା କାହିଁକି ? ମୁଁ ଯେଉଁ ମାର୍ଗରେ ଚାଲିଆସିଛି ସେଥିରୁ ବିଚ୍ୟୁତ ହେବାକୁ ଯାଉଛି କାହିଁକି ? ତତ୍‌କ୍ଷଣାତ୍ ତାଙ୍କର ଏହି ଭ୍ରମ ଦୂର ହୋଇଗଲା । ଏହା ଭାବି ବହୁତ ଦୁଃଖ ପ୍ରକାଶ କଲେ- ମୁଁ ଏଭଳି ଘୃଣ୍ୟ ବିଚାରଧାରାକୁ ମନରେ ସ୍ଥାନ ଦେଲି କାହିଁକି ? ପଶ୍ଚାତାପ କରିବା ସଙ୍ଗେସଙ୍ଗେ ସେଇ ମୁହୂର୍ତ୍ତରେ ସିଦ୍ଧାନ୍ତ ନେଲେ ଫେରିଯାଇ ପାଣି କାଢୁଥିବା ବ୍ୟକ୍ତିଙ୍କୁ କ୍ଷମା ପ୍ରାର୍ଥନା କରି କହିବେ ମୋତେ ପାଣି ପିଇବାକୁ ଦିଅନ୍ତୁ । ମୋ ନିକଟରେ ଜାତିପତି ଭେଦଭାବ ନାହିଁ । ଏହା ଭାବି କୂଅରୁ ପାଣି କାଢୁଥିବା ଲୋକ ନିକଟକୁ ଆସିଲେ । କୂଅରୁ ଲୋକଟି ସେହିଭଳି ପାଣି କାଢ଼ି ନିକଟରେ ରଖିଥିବା ପାତ୍ରରେ ଭରୁଥାଏ । ତାଙ୍କ ନିକଟରେ ଠିଆ ହୋଇ ନମ୍ର ଭାବରେ କହିଲେ-ଭାଇ! ମୋତେ ପାଣି ପିଇବାକୁ ଦିଅ। ବହୁତ ଶୋଷ ହେଉଛି । କିଛିକ୍ଷଣ ପୂର୍ବରୁ ପାଣି ମାଗି ପରିଚୟ ଜାଣିବାପରେ ଫେରିଯାଇଥିବା ଗୈରିକ ବସନଧାରୀ ସନ୍ନ୍ୟାସୀ ପୁଣି ଆସି ପାଣି ମାଗିବାରେ ପାଣି କାଢୁଥିବା ଲୋକଟି ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଉତ୍ସୁକତାପୂର୍ବକ ସ୍ୱାମିଜୀଙ୍କୁ ଅନାଇ ଦୁଇହାତ ଯୋଡ଼ି କହିଲେ-ମୁଁ କିପରି ବା ପାଣି ଦେବି ? ମୁଁ ତ' କହିଛି ନା ଛୋଟଜାତିର । ଏହା ଶୁଣି ସ୍ୱାମିଜୀ କହିଲେ-''ମୋତେ କ୍ଷମା କରିଦିଅନ୍ତୁ ଭାଇ। ମୋର ଭୁଲ୍ ହୋଇଯାଇଛି । ଆପଣ ଓ ମୁଁ, ଉଭୟେ ଈଶ୍ୱରଙ୍କ ସନ୍ତାନ। ଛୋଟବଡ଼ ଜାତି କ'ଣ ? ମୁଁ ପୂର୍ବରୁ ଏହା ଭୁଲି ଯାଇଥିଲି, ଏହା ମୋର ମୂର୍ଖାମି ଥିଲା, ମୁଁ ତୁମ କଥାକୁ ଠିକ୍ ଭାବରେ ବିଚାର କରିପାରି ନଥିଲି । ଆଗ ମୋତେ ପାଣି ପିଇବାକୁ ଦିଅନ୍ତୁ ନା!'' ଏହା କହିବା ସମୟରେ ସ୍ୱାମିଜୀଙ୍କ ଆଖି ଲୋତକାପ୍ଳୁତ ହୋଇଯାଇଥିଲା। ଜଳପାନ ପରେ ସ୍ୱାମିଜୀ ସେହି ଲୋକଟିକୁ ବାରମ୍ବାର ଆଲିଙ୍ଗନ କରିଥିଲେ। ସ୍ୱାମିଜୀ ତାଙ୍କର କ୍ଷଣିକ ତ୍ରୁଟି ସୁଧାରିବାରେ ତତ୍‌କ୍ଷଣାତ ପଦକ୍ଷେପ ନେଇଥିଲେ, କାରଣ ସେ ଭଲଭାବରେ ଜାଣିଥିଲେ ସମସ୍ତେ ସେଇ ଏକ ଈଶ୍ୱରଙ୍କ ସନ୍ତାନ ହୋଇଥିଲାବେଳେ ନୀଚଉଚ୍ଚ ଜାତିଭେଦ ଆସିଲା କେଉଁଠୁ ?






# ପ୍ରଚାରରେ ସୀମିତ ବସ୍ତିର ବିକାଶ, ବାସ୍ତବ ଚିତ୍ର କିନ୍ତୁ ଭିନ୍ନ



ରାଉରକେଲା (ପିଏନ୍): ବସ୍ତିରେ ପାଇପ୍ ଜଳ ଯୋଗାଣ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦୀର୍ଘଦିନ ହେଲା ପାଇପ୍ ବିଛାଯାଇଛି । ମାତ୍ର କେଉଁଠି ପାଣି ଆସୁଛି ତ ଆଉ କେଉଁଠି ପାଣି ଆଦୌ ଆସୁନାହିଁ । ଯେଉଁଠାରେ ପାଣି ଆସୁଛି ସେଠାରେ କେବେ ୨୦/୨୫ ମିନିଟ୍ ପାଇଁ ଆସୁଛି ତ ଆଉ କେବେ ୫/୧୦ ମିନିଟ୍ ପାଇଁ ଆସୁଛି । ପାଇପ୍ ଜଳ ଯୋଗାଣରେ ଏଭଳି ଅବ୍ୟବସ୍ଥା ରାଉରକେଲା ମହାନଗର ନିଗମ ଅ˚ର୍ଗତ ୧୧ ନମ୍ବର ୱାର୍ଡର ମଧୁସୂଦନପାଲ୍ଲୀ, ବିବେକାନନ୍ଦ ବସ୍ତି ଓ ଫିଲ୍ଟର ହାଉସ୍ ବସ୍ତିରେ ଲାଗି ରହିଛି ବୋଲି କଂଗ୍ରେସର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି ଅଭିଯୋଗ କରିଛନ୍ତି । ଶ୍ରୀ ସେନାପତି ଉକ୍ତ ଅଞ୍ଚଳ ପରିକ୍ରମା ସମୟରେ ବସ୍ତିବାସିନ୍ଦାମାନଙ୍କୁ ସାକ୍ଷାତ କରି ବସ୍ତିର ଅଭାବ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ତେବେ ଜଳ ଯୋଗାଣରେ ଅବ୍ୟବସ୍ଥା ନେଇ ସମ୍ପୃକ୍ତ ବସ୍ତିର ବାସିନ୍ଦାମାନେ ତୀବ୍ର ଅସ˚ୋଷ ପ୍ରକାଶ କରିଥିବା ବେଳେ ମହାନଗର ନିଗମ ତରଫରୁ ନାଳିଗୁଡିକ ନିୟମିତ ବ୍ୟବଧାନରେ ସଫା ହେଉନଥିବାରୁ ବସ୍ତିରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି ବୋଲି କହିଥିଲେ । ବିବେକାନନ୍ଦ ବସ୍ତିରେ ମହାନଗର ନିଗମ ତରଫରୁ କରାଯାଇଥିବା ଗୋଷ୍ଠୀ ଶୌଚାଳୟ ସଠିକ୍ ଭାବରେ ରକ୍ଷଣାବେକ୍ଷଣ ଓ ସଫେଇ ହେଉନଥିବାରୁ ଉକ୍ତ ଅଞ୍ଚଳରେ ପ୍ରବଳ ଦୁର୍ଗନ୍ଧ ସୃଷ୍ଟି ସହ ପରିବେଶକୁ ପ୍ରଦୂଷିତ କରୁଛି । ଏହି ଶୌଚାଳୟ ନିକଟରେ ଅବସ୍ଥିତ ଅଙ୍ଗନବାଡି କେନ୍ଦ୍ରର ଶିଶୁମାନେ ଏହି ଦୁର୍ଗନ୍ଧ ଦ୍ୱାରା ବିଶେଷ ପ୍ରଭାବିତ ହେଉଛ˚ି । ଅଙ୍ଗନବାଡି କେନ୍ଦ୍ର ଗୃହର ମଧ୍ୟ ଆବଶ୍ୟକୀୟ ମରାମତି ହେଉନଥିବାରୁ ଏହାର ଚଟାଣ ସବୁ ଭାଙ୍ଗିରୁଜି ଯାଇଥିବା ଦେଖିବାକୁ ମିଳୁଛି । ଶୌଚାଳୟ ନିକଟରେ ନିର୍ମିତ ସୁବିଧା କେନ୍ଦ୍ର ଏହି ଦୁର୍ଗନ୍ଧ ଯୋଗୁ ବ୍ୟବହାର ହୋଇପାରୁ ନାହିଁ । ବିବେକାନନ୍ଦ ବସ୍ତିରେ ନିର୍ମିତ ନାଳି ମଧ୍ୟ ଠିକ୍ ଭାବେ ସଫା କରାଯାଉନଥିବା ବେଳେ ନାଳି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ । ସେହିପରି ଫିଲ୍ଟର ହାଉସ୍ ବସ୍ତିରେ ମଧ୍ୟ କଂକ୍ରିଟ୍ ନାଳି ନିର୍ମାଣର ଆବଶ୍ୟକତା ଥିବାବେଳେ ମଧୁସୂଦନପାଲ୍ଲୀର ମୁଖ୍ୟରାସ୍ତାର ଗୋଟିଏ ପାର୍ଶ୍ୱରେ କଂକ୍ରିଟ୍ ନାଳି ନିର୍ମାଣ କରାଯାଇ ଅପରପାର୍ଶ୍ୱରେ ନାଳି ନିର୍ମାଣ ନ କରି ଛାଡି ଦିଆଯାଇଛି । ମଧୁସୂଦନପାଲ୍ଲୀର ଗଙ୍ଗାରାମ ବସ୍ତିରେ ଏକ ଗୋଷ୍ଠୀ ଶୌଚାଳୟ ନଥିବା ଏବଂ ବସ୍ତିର ଗରିବ ଶ୍ରେଣୀର ବାସିନ୍ଦାମାନେ ସ୍ୱଚ୍ଛ ଭାରତ ଅଭିଯାନ ଅ˚ର୍ଗତ କାର୍ଯ୍ୟକ୍ରମରେ ବ୍ୟକ୍ତି ପାଇଖାନା ପାଇବାକୁ ସମର୍ଥ ହୋଇନଥିବାରୁ ଖୋଲା ପଡିଆରେ ଶୌଚ କରିବାକୁ ବାଧ ହେଉଛ˚ି । ଅନୁରୂପ ଭାବେ ଉପରୋକ୍ତ ବସ୍ତି ଅଞ୍ଚଳରେ ଅନେକ ବୃଦ୍ଧବୃଦ୍ଧା ଏ ପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତା ପାଇନଥିବା ବେଳେ ଯେଉଁମାନେ ଭତ୍ତା ପାଉଥିଲେ ସେମାନଙ୍କ ମଧ୍ୟରୁ କେତେକଙ୍କର ଭତ୍ତା ବନ୍ଦ ହୋଇଯାଇଥିବା ପ୍ରକାଶ କରିଥିଲେ । ଅନୁରୂପ ଭାବେ ରାସନ କାର୍ଡ ମଧ୍ୟ ଅନେକ ଯୋଗ୍ୟ ବିବେଚିତ ଗରିବ ଲୋକ ପାଇନଥିବା ବେଳେ ଯେଉଁମାନେ ରାସନ କାର୍ଡ ପାଇଛନ୍ତି ସେମାନଙ୍କର କାର୍ଡ ମଧ୍ୟ ବିଭିନ୍ନ ସମୟରେ ଅଚଳ ହେବା ସହିତ କାର୍ଡରୁ ସଦସ୍ୟଙ୍କ ସଂଖ୍ୟା କଟି ଯାଇଥିବା ଅଭିଯୋଗ କରିଥିଲେ । ତେବେ ଉପରୋକ୍ତ ସମସ୍ୟାଗୁଡିକ ସମ୍ପର୍କରେ ଶ୍ରୀ ସେନାପତି ବସ୍ତିବାସୀଙ୍କ ଠାରୁ ଅବଗତ ହୋଇ ଏସବୁକୁ ବିଭାଗୀୟ ଅଧିକାରୀ ନିକଟରେ ଉପସ୍ଥାପନ କରିବେ ବୋଲି କହିଥିଲେ । ମହାନଗର ନିଗମ କର୍ତ୍ତୃପକ୍ଷ, ରାଜ୍ୟ ସରକାର ତଥା ସ୍ଥାନୀୟ ଶାସକ ଦଳର ନିର୍ବାଚିତ ଜନପ୍ରତିନିଧି ବସ୍ତି ବିକାଶକୁ ନେଇ ବଡ ବଡ ପ୍ରଚାର କରୁଥିଲେ ହେଁ ବାସ୍ତବ ଚିତ୍ର ଉପରୋକ୍ତ ବସ୍ତିଗୁଡିକୁ ଦେଖିଲେ ସ୍ପଷ୍ଟ ବୁଝାପଡୁଛି ବୋଲି ଶ୍ରୀ ସେନାପତି କହିଛ˚ି । ଏହି ପରିକ୍ରମା କାର୍ଯ୍ୟକ୍ରମରେ ପିସିସି ସଭ୍ୟ ସବୀର ହୁସେନ, ସାମାଜିକ ଗଣମାଧ୍ୟମର ସୁଧୀର ନାଥ, ସମ୍ପୃକ୍ତ ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତା ମୋତିଲାଲ ସାହୁ, ଏସ୍.ଏନ୍. କ୍ରିଷ୍ଣା, ଯୁବନେତା ଅନୀଲ ଦାସ, ସେକ୍ ସମିର, ଋଷି ସାହୁ ପ୍ରମୁଖ ସାମିଲ୍ ହୋଇ ସମସ୍ତ ବସ୍ତି ଅଞ୍ଚଳ ବୁଲି ଦେଖିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# ତରିଆ ପୋଖରୀ ପୁନରୁଦ୍ଧାର ଦୁର୍ନୀତିର ତଦନ୍ତ କରିବ ଭିଜିଲାନ୍ସ !

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ତରିଆ ଗାଁ ନିକଟରେ ଥିବା ଏକ ପୁରୁଣା ପୋଖରୀର ପୁନରୁଦ୍ଧାର କାର୍ଯ୍ୟରେ ହୋଇଥିବା ଦୁର୍ନୀତିର ତଦନ୍ତ କରିବ ଭିଜିଲାନ୍ସ । ଏହି ଚର୍ଚ୍ଚିତ ଘୋଟାଲାର ଖୋଳତାଡ଼ କରୁଥିବା ଲୋକାୟୁକ୍ତଙ୍କ ନିଜସ୍ୱ ତଦନ୍ତକାରୀ ସଂସ୍ଥା ଏଠାରେ ଦୁର୍ନୀତିର ଗନ୍ଧ ବାରିବା ପରେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗକୁ ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି । ଏକ ଅପରାଧିକ ମାମଲା ରୁଜୁ କରି ୨୦୨୩ ଫେବ୍ରୁଆରୀ ୧୦ତାରିଖ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାପାଇଁ ଭିଜିଲାନ୍ସ ବିଭାଗକୁ ଲୋକାୟୁକ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ଉଲ୍ଲେଖ ଯୋଗ୍ୟ, ୨୦୧୯/୨୦ ଆର୍ଥିକ ବର୍ଷରେ ଯାଜପୁର କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ତରିଆ ପଞ୍ଚାୟତ ନୂଆ ପୋଖରୀର ପୁନରୁଦ୍ଧାର ପାଇଁ ୨୪ ଲକ୍ଷ ୯୯ ହଜାର ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଥିଲା । ସେହିପରି ଏହି ସମୟରେ ଧର୍ମଶାଳା ପଞ୍ଚାୟତ ସମିତି ପକ୍ଷରୁ ମଧ୍ୟ ତରିଆ ପଞ୍ଚାୟତ ନୂଆ ପୋଖରୀ ନାଁରେ ୩ ଲକ୍ଷ ୫୦ ହଜାର ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଥିବା ସୂଚନା ଅଧିକାର ଆଇନ ତଥ୍ୟରୁ ଜଣାପଡ଼ିଥିଲା । ସମାନ ଆର୍ଥିକ ବର୍ଷରେ କ୍ଷୁଦ୍ର ଜଳସେଚନ ବିଭାଗ ଏହି କାମ ପାଇଁ ଦାୟିତ୍ୱରେ ଥିବା ଠିକାଦାରଙ୍କୁ ୧୭ ଲକ୍ଷ ୬୫ ହଜାର ୪୪୨ ଟଙ୍କା ପୈଠ କରିଥିବା ବେଳେ ପଞ୍ଚାୟତ ସମିତି ପକ୍ଷରୁ ମଧ୍ୟ ୩ ଲକ୍ଷ ୪୬ ହଜାର ୫ଶହ ଟଙ୍କା ଖର୍ଚ୍ଚ କରାଯାଇଥିବା ଜଣାପଡ଼ିଥିଲା । ଏଠାରେ ଏକ ବଡ଼ଧରଣର ଦୁର୍ନୀତି ହୋଇଥିବା ସନ୍ଦେହ କରି ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ । ଏଲ୍‌ୱାଇ-୭୧୯/୨୦୨୧ରେ ଏକ ମାମଲା ରୁଜୁ ହୋଇ ଅଭିଯୋଗର ତଦ˚ ଆରମ୍ଭ ହୋଇଥିଲା । ଲୋକାୟୁକ୍ତଙ୍କ ନିଜସ୍ୱ ତଦନ୍ତକାରୀ ଦଳ ଧର୍ମଶାଳା ବ୍ଲକ, ଯାଜପୁର କ୍ଷୁଦ୍ର ଜଳସେଚନ ଡିଭିଜନ କାର୍ଯ୍ୟାଳୟ ଓ ତରିଆ ନୂଆପୋଖରୀ ନିକଟକୁ ଯାଇ ତଦନ୍ତ କରିଥିଲା । ତଦନ୍ତରେ ଖାତା ନଂ-୨୨୫ ଓ ପ୍ଲଟ୍ ନଂ-୧୫୧୮ରେ ଥିବା ତରିଆ ପଞ୍ଚାୟତ ନୂଆ ପୋଖରୀ ପୁନରୁଦ୍ଧାର କାର୍ଯ୍ୟରେ ଗୋଟିଏ ସମୟରେ ଦୁଇଟି ବିଭାଗ ପକ୍ଷରୁ ମୋଟ ୨୧ ଲକ୍ଷ ୧୧ହଜାର ୯୪୨ ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡ଼ିଥିଲା । ଅନ୍ୟପକ୍ଷରେ ଏଠାରେ ପଂଚାୟତ ତରଫରୁ କିଛି କାମ ନହୋଇ ଟଙ୍କା ଉଠାଇ ନିଆଯାଇଥିବା ତଦନ୍ତ ରିପୋର୍ଟରେ ଦର୍ଶାଯାଇଛି । କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ରହିଥିବା ଏହି ପୋଖରୀକୁ କେଉଁ ଉଦ୍ଦେଶ୍ୟରେ ପଂଚାୟତ ପକ୍ଷରୁ କାମ କରାଯାଇ ଟଙ୍କା ଉଠାଗଲା ଏହାକୁ ନେଇ ଅଭିଯୋଗକାରୀ ଶ୍ରୀ ବେହୁରା ପ୍ରଶ୍ନ ଉଠାଇଥିଲେ । ଏହି ଘୋଟାଲାରେ ଲୋକାୟୁକ୍ତ ତତ୍‌କାଳୀନ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ମହାନ୍ତି, କନିଷ୍ଠ ଯନ୍ତ୍ରୀ ବ୍ରହ୍ମାନନ୍ଦ ପଣ୍ଡା, ପିଇଓ ମହେଶ୍ୱର ମହାନ୍ତି ଓ ପୂର୍ବତନ ସରପଂଚ ସୁଶାନ୍ତ ସେଠୀଙ୍କୁ ଏହାର ଉତର ରଖିବାକୁ ନୋଟିସ୍ ଜାରି କରିଥିଲେ । ତେବେ ଏମାନେ ଦେଇଥିବା ସ୍ପଷ୍ଟୀକରଣ ସନ୍ତୋଷଜନକ ହୋଇନଥିଲା । ଏଠାରେ ଏକ ବଡ଼ଧରଣର ଘୋଟାଲା ହୋଇଥିବା ସ୍ପଷ୍ଟ ହେବାପରେ ଲୋକାୟୁକ୍ତ ଏହାର ତଦନ୍ତ ପାଇଁ ଭିଜିଲାନ୍ସ ବିଭାଗକୁ ନିର୍ଦ୍ଦେଶ ଦେଇଥିବା ଶ୍ରୀ ବେହୁରା ସୂଚନା ଦେଇଛନ୍ତି । ଭିଜିଲାନ୍ସ ତଦନ୍ତ ପରେ ଏହି ଘୋଟାଲାରେ ସଂପୃକ୍ତ ଅଧିକାରୀ ଓ ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ନେଇ ଚର୍ଚ୍ଚା ଜୋର ଧରିଛି ।

# ସାନଖେମୁଣ୍ଡିରେ ଜାତୀୟ ପ୍ରେସ ଦିବସ ଧୁମଧାମରେ ପାଳିତ

ସାନଖେମୁଣ୍ଡି (ପିଏନ୍)-ନଭେମ୍ବର ୧୬ ଜାତୀୟ ଗଣମାଧ୍ୟମ ଦିବସ ପାଳନ ଅବସରରେ ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ଠାରେ ପ୍ରେସ କ୍ଲବ୍ ପକ୍ଷରୁ ଏକ ଆଲୋଚନା ଚକ୍ରର ଆୟୋଜନ ସହ ଆମନ୍ତ୍ରିତ ଅଞ୍ଚଳ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ ଏବଂ ବରିଷ୍ଠ ବୁଦ୍ଧିଜୀବୀଙ୍କ ମିଳିତ ସମାବେଶର ଆୟୋଜନ ହୋଇଥିଲା। ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ଦାଶଙ୍କ ଆବାହକତ୍ୱରେ ଆୟୋଜିତ ଆଜିର ପ୍ରେସ ଦିବସର ଅନୁଚିନ୍ତା ଏବଂ ସାମ୍ବାଦିକଙ୍କ ସମସ୍ୟା ଓ ସାମାଜିକ ସୁରକ୍ଷାକୁ ନେଇ କରାଯାଇଥିବା ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ବର୍ଷୀୟାନ ସାମ୍ବାଦିକ, କ୍ଷୁଦ୍ର ଓ ମଧ୍ୟମ ବର୍ଗ ସମ୍ବାଦପତ୍ର ସଂଘ ସଭାପତି ତଥା ସାପ୍ତାହିକ ଓଡ଼ିଆ ସମ୍ବାଦପତ୍ର 'ନବୀନ' ର ସମ୍ପାଦକ ରବି ରଥ ପ୍ରଦୀପ ପ୍ରଜ୍ୱଳନ ଏବଂ ପୁଷ୍ପମାଲ୍ୟ ଅର୍ପଣ କରି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ 'ପରିବର୍ତ୍ତନ' ଖବର କାଗଜ ସମ୍ପାଦକ ରମାକାନ୍ତ ପରିଜା ଏବଂ ଜଗତସିଂହପୁର ଜିଲ୍ଲାର ବିଶିଷ୍ଟ ସମାଜସେବୀ ଅଜୟ କୁମାର ଦାସ ଯୋଗଦେଇ ସାଂପ୍ରତିକ ସମୟର ଗଣତାନ୍ତ୍ରିକ ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ବିକଳ ଚିତ୍ରରେ ପ୍ରତିନିଧିଙ୍କ ଭୂମିକାକୁ ନେଇ ନିଜ ନିଜ ଓଜସ୍ୱିନୀ ଅଭିବ୍ୟକ୍ତି ରଖିଥିଲେ। ସରକାର ଏବଂ ଜନସାଧାରଣଙ୍କ ମଧ୍ୟରେ ଥିବା ଦୂରତାକୁ ଲାଘବ କରିବାକୁ ଥିବା ଗଣମାଧ୍ୟମଗୁଡ଼ିକ ସମ୍ପ୍ରତି ସରକାରୀ ଭାଟ ସାଜୁଥିବା କାରଣରୁ ସମ୍ବାଦପତ୍ର କ୍ଷେତ୍ରକୁ ଶିଳ୍ପରେ ପରିଣତ କରି କର୍ପୋରେଟଙ୍କୁ ସ୍ୱାଗତ କରିବା ଆଗାମୀ ଦିନର ଗଣତାନ୍ତ୍ରିକ ସାମାଜିକ ବ୍ୟବସ୍ଥାରେ ବିକଟ ଚିତ୍ର ପ୍ରଦାନ କରିବା ନେଇ ନିଜ ନିଜର ମତବ୍ୟକ୍ତ କରିଥିଲେ। ପ୍ରଶାସନିକ ଓ ରାଜନୈତିକ ଦଳର ବ୍ୟକ୍ତିବିଶେଷଙ୍କ ମାଲିକାନାରେ ଥିବା ପ୍ରମୁଖ ସମ୍ବାଦପତ୍ର ନିଜର ସ୍ୱାର୍ଥ ହାସଲ ପାଇଁ ଗଣମାଧ୍ୟମକୁ ଉପଯୋଗ କରୁଥିବାରୁ ଚତୁର୍ଥ ସ୍ତମ୍ଭ କଳୁଷିତ ହେବା ସହ ସାମ୍ବାଦିକଙ୍କ ସମସ୍ୟା ଓ ସାମାଜିକ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅତଏବ ଏହି ସମସ୍ୟାର ସମାଧାନ ନେଇ ସଂଘୀୟ ବ୍ୟବସ୍ଥାର ବିକଳ୍ପ ରାସ୍ତା ଆପଣାଇବାକୁ ବର୍ଷୀୟାନ ସାମ୍ବାଦିକ ରବି ରଥ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆହ୍ୱାନ ଦେଇଥିଲେ। ସମାଜର ସର୍ବନିମ୍ନ ବର୍ଗଙ୍କଠାରେ ଥିବା ସମସ୍ୟାର ସମାଧାନ ଦିଗରେ ସାମ୍ବାଦିକଙ୍କ ଭୂମିକା ରହୁଥିବାରୁ କର୍ମଜୀବୀ ସାମ୍ବାଦିକ ହିସାବରେ ଏହି ବର୍ଗଙ୍କ ହିତରେ ସର୍ବଦା କାମ କରିବାକୁ ପରାମର୍ଶ ପ୍ରଦାନ କରିଥିଲେ। ଅନ୍ୟ କ୍ରମରେ ପ୍ରେସ କ୍ଲବ ଦ୍ୱାରା ଆହୂତ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ତଥା ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ସହ ଅଞ୍ଚଳ ବୁଦ୍ଧିଜୀବୀ ଜନପ୍ରତିନିଧିଙ୍କ ମିଳିତ ସମାବେଶରେ ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ବ୍ଲକ ଅଧକ୍ଷ ସିମାଞ୍ଚଳ ପାତ୍ର ପୌରୋହିତ୍ୟ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗାୟତ୍ରୀ ଦତ୍ତ ନାୟକ, ତହସିଲଦାର ଡଃ ଶ୍ରୀନିବାସ ବେହେରା, ମୁଖ୍ୟ ବକ୍ତା ଭାବେ ପାଟପୁର ଥାନା ଭରପ୍ରାପ୍ତ ଅଧିକାରୀ ସବ୍ୟସାଚୀ ମଲ୍ଲ ମଞ୍ଚାସୀନ ରହି ଉପସ୍ଥିତ ବୁଦ୍ଧିଜୀବୀ ଜନ ପ୍ରତିନିଧି ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ସମନ୍ୱୟକୁ ଗୁରୁତ୍ୱାରୋପ କରିଥିଲେ। ପ୍ରଶାସନ ସହ ଜନପ୍ରତିନିଧିଙ୍କ ମୌଳିକ ସମସ୍ୟାର ସମାଧାନ କ୍ଷେତ୍ରରେ ଗଣମାଧ୍ୟମର ସମୟ ଉପଯୋଗୀ ଖବର ପ୍ରସାରଣ ଗୁରୁତ୍ୱ ରଖିଥିବାରୁ ପ୍ରକୃଷ୍ଟ ତଥ୍ୟ ଭିତ୍ତିକ ଖବର ପ୍ରସାରଣର ମହତ୍ତ୍ୱକୁ ଅବତାରଣା କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲା ଲୋକକଳା କଳାକାର ସଂଘ ସଭାପତି ତଥା ବରିଷ୍ଠ ଲୋକକଳା କଳାକାର ସନ୍ତୋଷ କୁମାର ପାଢ଼ୀ ନିଜ ବକ୍ତବ୍ୟରେ ପ୍ରେସ କ୍ଲବ ସଦସ୍ୟଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ମହତ ଉଦ୍ଦେଶ୍ୟକୁ ନେଇ ସାଧୁବାଦ ପ୍ରଦାନ କରିଥିଲେ। ଉପାଧ୍ୟକ୍ଷ ପ୍ରତିନିଧି ସଞ୍ଜୟ କୁମାର ନାହାକ, ଜିଲ୍ଲା ପରିଷଦ ସଭ୍ୟ ବିଜୟ ପ୍ରଧାନ, ଅମିନ ପ୍ରଧାନ, ଶଙ୍କର୍ଷଣ ସ୍ୱାଇଁ, ରାଜୀବ ପାତ୍ର ପ୍ରମୁଖଙ୍କ ସହ ବହୁ ସରପଞ୍ଚ , ସମିତି ସଭ୍ୟଙ୍କ ସହ ଶତାଧିକ ଅଞ୍ଚଳ ବୁଦ୍ଧିଜୀବୀ ଉପସ୍ଥିତ ରହି ଆୟୋଜିତ ଆଜିର କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ପ୍ରେସ କ୍ଲବ ସାନଖେମୁଣ୍ଡି ପକ୍ଷରୁ ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ଦାଶଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ପଦ୍ମଲୋଚନ ପାଣିଗ୍ରାହୀ, ବିଜୟ କୁମାର ପ୍ରଧାନ, ପ୍ରଫୁଲ୍ଲ ସାବତ, ଅଶୋକ କୁମାର ସାହୁ, ଆରତ କୁମାର ହୋତା, ଶିବ ଶଙ୍କର ସ୍ୱାଇଁ, ରଘୁନାଥ ନାୟକ ପ୍ରମୁଖ ଅଂଶଗ୍ରହଣ ସହ ପରିଚାଳନା କରିଥିଲେ।

# ନୌବାଣିଜ୍ୟର ସ୍ୱତନ୍ତ୍ର ସ୍ୱାକ୍ଷର ବହନ କରେ କେନ୍ଦ୍ରାପଡା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବାଲିଯାତ୍ରା ମହୋତ୍ସବର ଚତୁର୍ଥ ସାଂସ୍କୃତିକ ସନ୍ଧ୍ୟାରେ ମହୋତ୍ସବ କମିଟିର ସଭାପତି ଆଇନଜୀବୀ ପ୍ରଦୀପ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ଉପଜିଲ୍ଲାପାଳ ନିରଞ୍ଜନ ବେହେରା ଯୋଗଦେଇ କହିଥିଲେ ଯେ ନୌବାଣିଜ୍ୟର ସ୍ୱତନ୍ତ୍ର ସ୍ୱାକ୍ଷର ବହନ କରେ କେନ୍ଦ୍ରାପଡା। ନୌବାଣିଜ୍ୟର ପରମ୍ପରା ହୁକିଟୋଲା ଲାଇଟ ହାଉସ ଜାଗ୍ରତ ସ୍ୱାକ୍ଷର ଭାବରେ ବର୍ଷ ବର୍ଷ ଧରି ରହିଆସିଛି। କେନ୍ଦ୍ରାପଡା ବାଲିଯାତ୍ରା ଭବିଷ୍ୟତର ପ୍ରତିଭାଧରମାନଙ୍କୁ ଉନ୍ମୋଚନ କରିବାରେ ସହାୟକ ହେବ। କମିଟି ସଂପାଦକ ତଥା ସରକାରୀ ଓକିଲ ସଂଜୟ କୁମାର ଜେନା ଜିଲ୍ଲା ପ୍ରଶାସନର ଅକୁଣ୍ଠିତ ସାହାଯ୍ୟ ଓ ସହଯୋଗ ପାଇଁ କୃତଜ୍ଞତା ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାକାଳପଡା ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ର ଯୋଗଦେଇ ବାଲିଯାତ୍ରାର ସଫଳତା କାମନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ପତ୍ରିକା ସଂପାଦକ ଶୁଭ୍ରାଂଶୁ କୁମାର ଦାସ, କୋଷାଧ୍ୟକ୍ଷ ମନୋରଞ୍ଜନ ତ୍ରିପାଠୀ, ଉପସଭାପତି ଧିରେନ୍ଦ୍ର କୁମାର ଦାସ, ସହ ସଂପାଦକ କିଶୋର ଚନ୍ଦ୍ର ପ୍ରଧାନ, ଶ୍ରୀଧର ମହାନ୍ତି, ସତ୍ୟବ୍ରତ ସିଂ, କବି କରୁଣାକର ଦାସ, ଅକ୍ଷୟପ୍ରିୟ ଦାସ, ଗଗନ ବିହାରୀ ଜେନା, ଟୁଟୁ ଗେରୁ, ଗବେଷକ ନିରଞ୍ଜନ ମେକାପ, ରମଣୀରଞ୍ଜନ ରାଉତରାୟ, ବିକ୍ରମ କେଶରୀ ରାଉତରାୟ, ରାଜୁ କୁବେର, ଶ୍ରୀଧର ଭୋଳ, ପ୍ରଦୀପ ବିହାରୀ, ସେକ ମତ୍ତୁ, ସେକ ଅଜିମୁଦ୍ଦିନ, ପଂଚାନନ ଦାସ, ମହେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ପରିଚାଳନା କରିଥିଲେ। ଗୋକୁଳଚନ୍ଦ୍ର ସଙ୍ଗୀତ ସଦନ ପକ୍ଷରୁ ନୃତ୍ୟ, ମା ଚିଲିକାରାଣୀ ପାଇକ ଆଖଡା, ଖୋର୍ଦ୍ଧା ସମେତ ମେଲୋଡି ପ୍ରଭୃତି କାର୍ଯ୍ୟକ୍ରମରେ ପ୍ରକମ୍ପିତ୍ ହୋଇ ଉଠିଥିଲା ବାଲିଯାତ୍ରା ପଡିଆ। ମହୋତ୍ସବରେ ଜନସାମଗମକୁ ଲକ୍ଷ୍ୟ ରଖି ଶାନ୍ତି, ଶୃଙ୍ଖଳା ରକ୍ଷା ନିମନ୍ତେ ପ୍ରଶାସନ ପକ୍ଷରୁ ପୋଲିସ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

# ଜିଲ୍ଲା କଂଗ୍ରେସ ତରଫରୁ ମୌଲାନା ଆଜାଦଙ୍କ ଜୟନ୍ତୀ ପାଳିତ



ରାଉରକେଲା (ପିଏନ୍): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, କଂଗ୍ରେସର ପୂର୍ବତନ ସଭାପତି ଦେଶର ପ୍ରଥମ ଶିକ୍ଷାମନ୍ତ୍ରୀ ଭାରତରତ୍ ମୌଲାନା ଆବୁଲ କାଲାମ ଆଜାଦଙ୍କ ଜନ୍ମ ଜୟନ୍ତୀ ଗତ ୧୧ ତାରିଖରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ପାଳିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ସ୍ଥାନୀୟ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ଉପସ୍ଥିତ ରହି ମୌଲାନାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ଜିଲ୍ଲା କଂଗ୍ରେସ ସଭାପତି ଦେବବ୍ରତ ବିହାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ତଥା ପିସିସି ସଭ୍ୟ ବିରେନ ସେନାପତି ବକ୍ତବ୍ୟ ରଖି ମୌଲାନା ଆଜାଦଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ । ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମୌଲାନା ଆଜାଦ ସ୍ୱାଧୀନ ଭାରତର ନାଗରିକମାନେ ସେମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ସୂଚାରୁରୂପେ ସମ୍ପାଦନ କରିବା ପାଇଁ ସେମାନଙ୍କ ମୌଳିକ ଶିକ୍ଷାର ଜରୁରୀ ଆବଶ୍ୟକତାକୁ ଉପଲବ୍ଧି କରିଥିଲେ । ତେଣୁ ସେଥିପାଇଁ ମୌଳିକ ପ୍ରାଥମିକ ଶିକ୍ଷାକୁ ଦେଶବାସୀଙ୍କୁ ନିଶୁଳ୍କରେ ଯୋଗାଇ ଦେବା ପାଇଁ ଦେଶର ପ୍ରଥମ ଶିକ୍ଷାମନ୍ତ୍ରୀ ଭାବେ ମୌଲାନା ଆଜାଦ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଥିଲେ ବୋଲି ଶ୍ରୀ ସେନାପତି ପ୍ରକାଶ କରି ଶିକ୍ଷାରୁ ବଞ୍ଚିତ ଥିବା ଦେଶର ନାଗରିକଙ୍କୁ ଶିକ୍ଷିତ କରାଇବାକୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଗଲେ ତାହା ମୌଲାନାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଳି ହେବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପିସିସି ସଭ୍ୟ ସବୀର ହୁସେନ ଓ ପ୍ରଭାତୀ ମିଶ୍ର, ତୁଳସୀ ନାଗ, ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ଓବିସି ରାଷ୍ଟ୍ରୀୟ ସଂଯୋଜକ କୈଳାସ ସାହୁ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ଜିଲ୍ଲା କଂଗ୍ରେସର ଭାସ୍କର ଖିଲ୍ଲାର, ବନମାଳୀ ବିଶୋୟୀ, ଦିଲ୍ଲୀପ ଜେନା, ରୁକସାନା ବେଗମ, ସମ୍ପାଦିକା ପ୍ରତିମା ପାଣିଗ୍ରାହୀ, ବସ˚ ମହାଲିକ, ଶିବ ଚରଣ, ସାମାଜିକ ଗଣମାଧ୍ୟମର ସୁଧୀର ନାଥ, ରେହେମାନ ଖାନ, ସଂଖ୍ୟାଲଘୁ ଅଧକ୍ଷ ଇଜାଜ ଅଖତର ପ୍ରମୁଖ ଏହି ଅବସରରେ ମୌଲାନାଙ୍କୁ ଶ୍ରଦ୍ଧାଳି ଅର୍ପଣ କରିଥିବା ବେଳେ ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

# ଧର୍ମଶାଳା ପୁସ୍ତକ ମେଳା ଉଦ୍‌ଯାପିତ



ଧର୍ମଶାଳା (ପିଏନ୍): ଧର୍ମଶାଳା ସାଧାରଣତନ୍ତ୍ର ପାଳନ କମିଟି ପକ୍ଷରୁ ଧର୍ମଶାଳା ବାଣୀପୀଠ ଖେଳ ପଡ଼ିଆରେ ଚାଲିଥିବା ପଂଚମ ଧର୍ମଶାଳା ପୁସ୍ତକ ମେଳା ଉଦ୍‌ଯାପିତ ହୋଇଯାଇଛି । ଜିଲ୍ଲା ପରିଷଦ ସଭ୍ୟ ଜଳଧର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଯାଜପୁର ରୋଡ୍ ଏସ୍‌ଡ଼ିପିଓ ସଂଜୟ କୁମାର ପଟ୍ଟନାୟକ ମୁଖ୍ୟଅତିଥି, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ପ୍ରାଧ୍ୟାପକ ଅକ୍ଷୟ କୁମାର ମହାନ୍ତି ମୁଖ୍ୟବକ୍ତା, କଟକର ସହକାରୀ ଆରକ୍ଷୀ କମିଶନର ଅମିତାଭ ମହାପାତ୍ର ଓ ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷିତ ଯୁବକମାନେ ପୁସ୍ତକ ପଠନ ଓ ସାହିତ୍ୟ ପାଖରୁ ଦୂରେଇ ଯାଉଛନ୍ତି । ଯାହା ସମାଜ ପାଇଁ କ୍ଷତିକାରକ । ପାଠ୍ୟପୁସ୍ତକ ସହିତ ମନଛୁଆଁ ପୁସ୍ତକ ଦିଆଗଲେ ପିଲାମାନଙ୍କ ପଠନ ଅଭ୍ୟାସ ବୃଦ୍ଧିହେବ ବୋଲି ଅତିଥିମାନେ କହିଥିଲେ । ଗାଳ୍ପିକ ଅର୍ଜୁନ ପୃଷ୍ଟି ଅତିଥି ପରିଚୟ, ସମ୍ପାଦକ ରାକେଶ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ, ଅଧ୍ୟାପକ ନିଗମାନନ୍ଦ ବିଶ୍ୱାଳ ସମ୍ପାଦକୀୟ ବିବରଣୀ ପାଠ ଓ ଶିକ୍ଷକ ମନୋଜ କୁମାର ରଣା ପ୍ରାରମ୍ଭିକ ସୂଚନା ଦେଇଥିଲେ । ପଣ୍ଡିତ ବ୍ରଜକିଶୋର ଦାଶ, ବିବେକାନନ୍ଦ ନାୟକ, କସ୍ତୁରୀ ଚରଣ ଜେନା, ସବ୍ୟସାଚୀ ବେହେରା, ଇନ୍ଦ୍ରମଣି ମହାନ୍ତି, ପ୍ରମୋଦ ସାମଲ, କୈଳାସ ମଲିକ, ମୁନା ଖାଁ ଓ ମଦନ ମୋହନ ନାୟକ ପରିଚାଳନାରେ ସହଯୋଗ କରିଥିଲେ । ଶିକ୍ଷକ ଜୟପ୍ରକାଶ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ। ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ। ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତ୍ତା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ୍ୟ କରିଛନ୍ତି। ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇଷ୍ଟିଚ୍ୟୁ ନିର୍ଦ୍ଦେଶକ ଚନ୍ଦ୍ରସେନ ଜଗତଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାର୍ଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୂର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଉମ୍ପର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧୋଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାହରଣ ମଧ୍ୟ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଇ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି। ରାଜ୍ୟ ପରିବେଶ ଓ ପ୍ରଭାବ ମୁଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

# ଜିଲ୍ଲା ଉପଭୋକ୍ତା ସୁରକ୍ଷା ପରିଷଦ ବୈଠକ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଜିଲ୍ଲା ଉପଭୋକ୍ତା ସୁରକ୍ଷା ପରିଷଦ ବୈଠକ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଖାଉଟୀ ସୁରକ୍ଷା ପରିଷଦ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ପୀତାମ୍ବର ସାମଲ, ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ବିଧାୟକଙ୍କ ପ୍ରତିନିଧି ତଥା ବିଜେଡି ବ୍ଲକ ସଭାପତି ଆଲୋକ ସାହୁଙ୍କ ସମେତ ଓଜନ ମାପ ବିଭାଗର ଅଧିକାରୀ, ଖାଉଟୀ ବିବାଦ ସମାଧାନ ମଂଚର ସଭାପତି ପ୍ରବୋଧ କୁମାର ଦାସ, ରାଜ୍ୟ ଉପଭୋକ୍ତା ଅଧ୍ୟକ୍ଷ ବଂଶୀଧର ଆଚାର୍ଯ୍ୟ, ଖାଉଟୀ ସୁରକ୍ଷା ପରିଷଦର ଅଧ୍ୟକ୍ଷ ଜୟଦେବ ସିଂହ ତଥା ଖାଉଟୀ ମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଆଲୋଚକ ମାନେ ଖାଉଟୀଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେବା, ବିଭାଗ ପକ୍ଷରୁ ନିୟମିତ ବ୍ୟବଧାନ ରେ ବ୍ୟବସାୟୀ ମାନେ ବିକ୍ରୟ କରୁଥିବା ସାମଗ୍ରୀର ଗୁଣାତ୍ମକ ମାନ, ଓଜନ ଓ ମାପ ତନଖି କରି ସଚେତନତା ସୃଷ୍ଟି କରିବାକୁ ଗୁରୁତ୍ୱ ଦେଇଥିଲେ। ବଡ ବ୍ୟବସାୟୀ ଠାରୁ ଆରମ୍ଭ କରି ଛୋଟ ବ୍ୟବସାୟୀ ପର୍ଯ୍ୟନ୍ତ ସମସ୍ତେ ଉପଭୋକ୍ତା ମାନଙ୍କୁ ଉଚିତ୍ ମୂଲ୍ୟରେ ଉପଯୁକ୍ତ ସାମଗ୍ରୀ ବିକ୍ରି କରିବା ଓ ଖାଉଟୀ ମାନେ ଯେପରି ଠକାମୀର ଶିକାର ନହେବେ ଏ ଦିଗରେ ଜନ ସଚେତନତା ସହ ବିଭାଗୀୟ ସକ୍ରିୟତା ଅତ୍ୟନ୍ତ ଜରୁରୀ ବୋଲି ଗୁରୁତ୍ୱାରୋପ କରିଥିଲେ। ସ୍ୱାର୍ଡକୁ ସକ୍ରୀୟ କରିବା କରିବା ପାଇଁ ଖାଉଟୀମାନେ ଦାବି କରିଥିଲେ।

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ। ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା। ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ। ପରବର୍ତ୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା। ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା। ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ୍ୟ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ। କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି। ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଟ୍ଟା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ। ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା। ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି। ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତ୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ। ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତ୍ତକତାର ବାର୍ତ୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ। ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ□ତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି। ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ। ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି। ଏହାର ସମାଧାନ ଆମ ନିଜ ପାଖରେ ଅଛି। ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ୍ୟ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ୍ୟ ପ୍ରବର୍ତ୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ।

## ଜିଲ୍ଲା ସ୍ତରୀୟ ଧାନ କ୍ରୟ କମିଟି ବୈଠକ, ଡିସେମ୍ବର ୨୮ ରୁ ଖୋଲିବ ଧାନ ମଣ୍ଡି

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡାରେ ଜିଲ୍ଲା ସ୍ତରୀୟ ଧାନକ୍ରୟ ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହେଇ ଯାଇଛି। ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଡିସେମ୍ବର ୨୮ ତାରିଖରେ ଜିଲ୍ଲାର ୧୧୮ଟି ମଣ୍ଡିରେ ଧାନକ୍ରୟ ଆରମ୍ଭ କରାଯିବାକୁ ନିଷ୍ପତି ନିଆଯାଇଛି। ମଣ୍ଡି ଗୁଡିକର ଭିତିଭୂମି, ଧାନର ମାନ ନିର୍ଦ୍ଧାରଣ, ଉପଯୋଗୀ ଯନ୍ତ୍ର ଗୁଡିକର ମରାମତି, ଅଚଳ ଯନ୍ତ୍ର ଗୁଡିକୁ ପରିବର୍ତ୍ତନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର କୃଷି ସମବାୟ ସମିତି ମାଧ୍ୟମରେ ୯୦ ଭାଗ ଧାନ ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ରଖିଛନ୍ତି। ଗତ ବର୍ଷ ୪୦ ହଜାର ଚାଷୀ ଜିଲ୍ଲାରେ ପଞ୍ଜିକୃତ ହୋଇଥିବା ବେଳେ ଚଳିତ ମାସ ଜୁଲାଇ ମାସ ସୁଦ୍ଧା ୪୪ ହଜାର ରୁ ଉର୍ଦ୍ଧ୍ୱ ଚାଷୀ ପଞ୍ଜିକୃତ ହୋଇଥିବା ଜଣାପଡିଛି। ଏ ବର୍ଷ ଜିଲ୍ଲାରେ ସାଟେଲାଇଟ୍ ମାଧ୍ୟମରେ ପଞ୍ଜିକୃତ ଚାଷୀ ମାନଙ୍କ ଜମିର ଧାନ ପରିମାଣ ଯାଂଚ କରାଯାଇ ଥିବାରୁ ଚାଷୀ ମାନଙ୍କ ଠାରୁ ଧାନ ସଂଗ୍ରହରେ ସ୍ୱଚ୍ଛତା ଅବଲମ୍ବ କରାଯିବ ବୋଲି ବୈଠକରେ ଆଶା ପ୍ରକାଶ କରାଯାଇଛି।

# ଦିଲ୍ଲୀ ନୀଳାଚଳ ସେବା ସଂଘର ନୂଆ କର୍ମକର୍ତ୍ତା ନିର୍ବାଚନ



ନୂଆଦିଲ୍ଲୀ,(ପି.ଏନ): ନୂଆଦିଲ୍ଲୀର ପ୍ରମୁଖ ସାଂସ୍କୃତିକ ଓ ଧାର୍ମିକ ଅନୁଷ୍ଠାନ ଶ୍ରୀ ନୀଳାଚଳ ସେବା ସଂଘର ନିକଟରେ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଂଘ ୧୯୬୭ ମସିହାଠାରୁ ଜାତୀୟ ରାଜଧାନୀର ହାଉଜଖାସସ୍ଥିତ ଜଗନ୍ନାଥ ମନ୍ଦିରର ପରିଚାଳନା ଦାୟିତ୍ୱ ନିର୍ବାହ କରିଆସୁଛି। ସଂଘର ବିଭିନ୍ନ ପଦ, ପଦବୀ ପାଇଁ ନଅ ଜଣ ଓ କାର୍ଯ୍ୟକାରୀ କମିଟି ପାଇଁ ୧୬ଜଣ ସଦସ୍ୟ ଆସନ୍ତା ୩ ବର୍ଷ ପାଇଁ ନିର୍ବାଚିତ ହୋଇଥିବା ଜଣାଯାଇଛି। ନବ ନିର୍ବାଚିତ କାର୍ଯ୍ୟକର୍ତ୍ତାମାନେ ୨୦୨୫ ମସିହା ପର୍ଯ୍ୟନ୍ତ ସେମାନଙ୍କର କାର୍ଯ୍ୟ ଭାର ତୁଲାଇବେ। ସମସ୍ତ ପଦାଧିକାରୀମାନେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବାବେଳେ କାର୍ଯ୍ୟକାରିଣୀ ସଦସ୍ୟମାନଙ୍କ କ୍ଷେତ୍ରରେ ତୀବ୍ର ପ୍ରତିଦ୍ୱନ୍ଦିତା ହୋଇଥିବା ଲକ୍ଷ କରାଯାଇଥିଲା। ରବୀନ୍ଦ୍ରନାଥ ପ୍ରଧାନ ଶ୍ରୀ ନୀଳାଚଳ ସେବା ସଂଘର ସମ୍ପାଦକ ପଦରେ କ୍ରମାଗତ ଭାବରେ ଚତୁର୍ଥ ଥର ପାଇଁ ନିର୍ବାଚିତ ହୋଇଥିବା ପ୍ରାପ୍ତ ସୂଚନାରୁ ପ୍ରକାଶ। ଶ୍ରୀ ପ୍ରଧାନ ମନ୍ଦିର ପରିଚାଳନାର ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ୨୦୧୨ ମସିହାରୁ କାର୍ଯ୍ୟ କରିଆସୁଛନ୍ତି। ବର୍ତ୍ତମାନର କାର୍ଯ୍ୟନିର୍ବାହୀ ସଭାପତି ବିଘ୍ନେଶ୍ୱର ରାଉତ, ସଂଘର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ତିନିଜଣିଆ ଉପ-ସଭାପତି ପଦବୀରେ ଯଥାକ୍ରମେ ଗଜେନ୍ଦ୍ର ପ୍ରସାଦ ସାମନ୍ତ, କ୍ଷୀରୋଦ ଚନ୍ଦ୍ର ପାତ୍ର ଏବଂ ରାମଚନ୍ଦ୍ର ଦାସ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ସଂଘର ତିନି ନୂଆ ଯୁଗ୍ମ ସମ୍ପାଦକ ଭାବରେ ଅଭୟ କୁମାର ପ୍ରଧାନ, ଅଶୋକ କୁମାର ପ୍ରଧାନ ଏବଂ ଦିଲ୍ଲୀପ କୁମାର ସ୍ୱାଇଁ ବିଜୟୀ ଘୋଷିତ ହୋଇଛନ୍ତି। ବର୍ତ୍ତମାନର କୋଷାଧ୍ୟକ୍ଷ ପଙ୍କଜ ମହାନ୍ତି ପୁର୍ନବାର କୋଷାଧ୍ୟକ୍ଷ ଭାବରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନରେ ଜୟଯୁକ୍ତ ହୋଇଥିବା ୧୬ଜଣ କାର୍ଯ୍ୟକାରୀ କମିଟି ସଦସ୍ୟଙ୍କ ମଧ୍ୟରେ ଅଜୟ ପ୍ରଧାନ, ଅଭିରାମ ସୁତାର, ଅଶୋକ କୁମାର ପ୍ରଧାନ, ସୁକାନ୍ତ କୁମାର ସାହୁ, ଅମୂଲ୍ୟ କୁମାର ଓଝା, ରଙ୍କନିଧି ସାହୁ, ନିଷିଦ୍ଧ କୁମାର ଦାସ, ବିଜୟ କୁମାର ସାହୁ, କିଶୋର ଚନ୍ଦ୍ର ସାମଲ, ଜୀତେନ୍ଦ୍ର କୁମାର ମହାପାତ୍ର, ସୁମିତ୍ରା ଜେନା, ସୁରଜ ନାୟକ, ଦିବାକର ଖୁଣ୍ଟିଆ, ଅଶୋକ କୁମାର ନାୟକ, ଦିଲ୍ଲୀପ କୁମାର ରାଉତ ଏବଂ ପ୍ରଦୀପ ସ୍ୱାଇଁ ପ୍ରମୁଖ ଅନ୍ତର୍ଭୁକ୍ତ ଥିବା ଜଣାଯାଇଛି। ସୁପ୍ରିମକୋର୍ଟର ବିଶିଷ୍ଟ ଆଇନଜୀବୀ ଏବଂ ୱାର୍ଲଡ୍ ଓଡ଼ିଶା ସୋସାଇଟିର ଆନ୍ତର୍ଜାତିକ ଆଇନ ପରାମର୍ଶଦାତା ଅବନୀ କୁମାର ସାହୁଙ୍କର ତତ୍ତ୍ୱାବଧାନରେ ନିର୍ବାଚନ ସୁରୁଖୁରୁରେ ସମ୍ପନ୍ନ ହେବା ପରେ ଶ୍ରୀ ସାହୁ ବିଧିବଦ୍ଧ ଭାବେ ଫଳାଫଳ ଘୋଷଣା କରିଥିବା ମନ୍ଦିର ତରଫରୁ ସୂଚନା ଦିଆଯାଇଛି।





2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Tuesday November 22, 2022 ଭୁବନେଶ୍ୱର ମଙ୍ଗଳବାର, ନଭେମ୍ବର ୨୨,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଏସ୍.ୟୁ.ଜେ.ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ- ସାମ୍ବାଦିକଙ୍କ ହକ୍ ପାଇଁ ଲଢିବ ଏସ୍.ୟୁ.ଜେ




ପାରାଦୀପ,(ପି.ଏନ): ରବିବାର ଦିନ ପାରାଦୀପ ଠାରେ ଷ୍ଟେଟ୍ ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟ (ଓଡିଶା) ଏସ୍.ୟୁ.ଜେ.ର ଜଗତସିଂହପୁର ଜିଲ୍ଲା ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଓ ବନ୍ଧୁ ମିଳନ ସମାରୋହ ଆୟୋଜିତ ହୋଇଥିଲା । ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଏସ୍.ୟୁ.ଜେ.ର ରାଜ୍ୟ ସଭାପତି କୈଳାସ ନାୟକ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ପାରାଦୀପର ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗ ଦେଇଥିଲେ । ନିମନ୍ତ୍ରିତ ଅତିଥି ଭାବେ ଏସ୍.ୟୁ.ଜେ.ର ରାଜ୍ୟ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ଗଗନ ବିହାରୀ ସାହୁ,ରାଜ୍ୟ ଉପସଭାପତି କିର୍ତୀ ଚନ୍ଦ୍ର ସାହୁ,ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପାଢୀ,ସମ୍ପାଦକ ଶିବାଶିଷ ମହାନ୍ତି ଯୋଗ ଦେଇଥିଲେ । ସମାରୋହରେ ପୌରହିତ୍ୟ କରିଥିଲେ ଜିଲ୍ଲା ସଭାପତି ରବିନ୍ଦ୍ର କୁମାର ଜେନା । ଅତିଥି ପରିଚୟ ପ୍ରଦାନ ସହ ସମାରୋହକୁ ପରିଚାଳନା କରିଥିଲେ ଜିଲ୍ଲା ସମ୍ପାଦକ ସଂଜୟ କୁମାର ମିଶ୍ର । ଏହି ଅବସରରେ ପାରାଦୀପ ଅଂଚଳର ଉଲ୍ଲେଖନୀୟ ଅବଦାନ ନିମନ୍ତେ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଜିଲ୍ଲା ନିର୍ବାଚନ ପର୍ଯ୍ୟବେକ୍ଷକ ଅଖିଳେଶ ପଦ ମହାନ୍ତି ଜଗତସିଂହପୁର ଜିଲ୍ଲାର ନବ ନିର୍ବାଚିତ କର୍ମକର୍ତାମାନଙ୍କ ନାମ ଘୋଷଣା କରିଥିଲେ । ସଭାପତି ଭାବେ ରତ୍ନାକର ସ୍ୱାଇଁ,କାର୍ଯ୍ୟକାରୀ ସଭାପତି ଦୀପକ କୁମାର ବେହେରା, ଉପସଭାପତି ବିରଜା ପ୍ରସାଦ ତ୍ରିପାଠୀ,ସାଧାରଣ ସମ୍ପାଦକ ନାୟକ,ସହ ସମ୍ପାଦକ ଜଗନ୍ନାଥ ଶତପଥି, ଯୁଗ୍ମ ସମ୍ପାଦକ ଦିପ୍ତି ରଂଜନ ଦାଶ ଏବଂ କୋଷାଧ୍ୟକ୍ଷ ଭାବେ ସନ୍ତୋଷ ଭାରତୀ ନିର୍ବାଚିତ ହୋଇ ଦାୟିତ୍ୱ ଗ୍ରହଣ କରିଥିଲେ । ଉପଦେଷ୍ଟା ଭାବେ ଗଗନ ବିହାରୀ ସାହୁ,ରବିନ୍ଦ୍ର କୁମାର ଜେନା, ଶଶାଙ୍କ ଶେଖର ଆଚାର୍ଯ୍ୟ,ସଂଜୟ କୁମାର ମିଶ୍ର, ପ୍ରଶାନ୍ତ କୁମାର ରାଉତ ଓ ଅରୁଣ କୁମାର ଓଝା ମନୋନୀତ ହୋଇଥିଲେ । ରବିନ୍ଦ୍ର କୁମାର ଜେନାଙ୍କୁ ରାଜ୍ୟ ପରିଷଦକୁ ଏବଂ ସଂଜୟ କୁମାର ମିଶ୍ରଙ୍କୁ ଜାତୀୟ ପରିଷଦକୁ ମନୋନୀତ କରାଯାଇଥିବା ଏସ୍.ୟୁ.ଜେ. ରାଜ୍ୟ ସଭାପତି କୈଳାସ ନାୟକ ଘୋଷଣା କରିଥିଲେ ।

## ସମ୍ବଲପୁର କେଭି - ୨ ଏବଂ ନୟାଗଡ଼ କେଭିରେ ପରୀକ୍ଷାମୂଳକ ଭାବେ ଆରମ୍ଭ ହେଲା ବାଲବାଟିକା : ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,(ପି.ଏନ): ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଳୟ(କେଭି) ନଂ ୨ ଏବଂ ନୟାଗଡ଼ କେନ୍ଦ୍ରୀୟ ବିଦ୍ୟାଳୟରେ ପରୀକ୍ଷାମୂଳକ ଭାବରେ ବାଲବାଟିକା ଶୁଭାରମ୍ଭ କରାଯାଇଥିବା ଟ୍ୱିଟ୍ କରି ସୂଚନା ଦେଇଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଦ୍ୱାରା ଏହି ଦୁଇ ସ୍କୁଲରେ ବାଲବାଟିକାର ଶୁଭାରମ୍ଭ କରାଯାଇଛି । ଜାତୀୟ ଶିକ୍ଷା ନୀତି କ୍ରିୟାନ୍ୱୟନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତ କଳ୍ପନାରେ ଏହା ଏକ ବଡ଼ ପଦକ୍ଷେପ । ଆଦ୍ୟ ଶୈଶବ ଯତ୍ନ ଏବଂ ଶିକ୍ଷା ପ୍ରଦାନ କରିବାରେ ବାଲବାଟିକା ହେଉଛି ଜାତୀୟ ଶିକ୍ଷା ନୀତିର ଏକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ।

## ଟୋଲଗେଟରେ ବିଜେପିର ଗଣଧାରଣା ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ସ୍ଥଗିତ, ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଓ ଅର୍ଥ କାରବାର ବିବାଦ

ଭଦ୍ରକ, (ପି.ଏନ): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ନେଉଳିଆ ଠାରେ ଗତ ୯ ତାରିଖ ଠାରୁ କାର୍ଯ୍ୟକ୍ଷମ ଟୋଲଗେଟରେ ଭାରତୀୟ ଜନତା ପାର୍ଟି ନେତା ବଦ୍ରୀନାରାୟଣ ଧଳଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଆନ୍ଦୋଳନ ୧୦ମ ଦିନରେ ସ୍ଥଗିତ ରହିଛି । ଦାବି ଗୁଡିକ ମଧ୍ୟରେ ଠିକାସଂସ୍ଥା 'ସ୍କାଇଲାର୍କ ଇଂଫ୍ରା ଇଞ୍ଜିନିଅରିଂ' ପକ୍ଷରୁ ଟୋଲଗେଟରେ ଚୁକ୍ତିନାମାକୁ ଏଡାଇ ମନମୁଖି ଭାବେ ନିଯୁକ୍ତି ସମ୍ପର୍କରେ ଯା କରାଯିବା, ନିଯୁକ୍ତି ପାଇଁ ଉତ୍କୋଚ ଆଦାୟ କରାଯିବା, ଜାଲ ପ୍ରମାଣପତ୍ରରେ ନିଯୁକ୍ତି ଦିଆଯିବା, ଶତପ୍ରତିଶଦ ସ୍ଥାନୀୟ ନିଯୁକ୍ତିକୁ ନିଶ୍ଚିତ କରିବା, ସ୍ଥାନୀୟ ଯାନବାହନକୁ ସ୍ଥାୟୀ ପାସ ଦିଆଯିବା, କୁଶଗଡିଆ ଡିଭାଇଡରକୁ ପୁନଃ କାର୍ଯ୍ୟକ୍ଷମ କରାଯିବା ଆଦି ଅନ୍ତର୍ଭୁକ୍ତ ଥିଲା । ଶୁକ୍ରବାର ଅପରାହ୍ନରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଠାରୁ ଆଗାମୀ ୭ ଦିନ ମଧ୍ୟରେ ସମାଧାନର ପ୍ରତିଶ୍ରୁତି ମିଳିବା ପରେ ଧାରଣାକୁ ସାମୟୀକ ଭାବେ ସ୍ଥଗିତ ରଖାଯାଇଛି । ପୁଲିସ ଉପଖଣ୍ଡ ଅଧିକାରୀ ବିଜୟକୃଷ୍ଣ ମହାପାତ୍ର ଟୋଲଗେଟରେ ଧାରଣାକାରୀଙ୍କ ନେତା ବଦ୍ରୀନାରାୟଣ ଧଳ, ମଣ୍ଡଳ ସଭାପତି ପ୍ରଫୁଲ୍ଲ ସାହୁ, ପୂର୍ବତନ ସଭାପତି ପ୍ରଦୀପ ସାହୁ, ପୂର୍ବତନ ସମିତି ସଭ୍ୟ ପ୍ରଣବ ରାଉତ, ଯୁବନେତା ପ୍ରଦ୍ୟୁମ୍ନ ସେନାପତି, ରାଜେଶ ବିଶ୍ୱାଳ, ପୂର୍ବତନ ସରପ ହାଡିବନ୍ଧୁ ସେନାପତି, ଦଳର ମଣ୍ଡଳ ସଭାପତି ପ୍ରଫୁଲ୍ଲ ସାହୁ, ଗିରିଶ ସାମଲ, ଜିଲ୍ଲା ଉପସଭାପତି ତଥା ପୂର୍ବତନ ସରପ ଜଗବନ୍ଧୁ ଦାସ, ବାବାଜି ଜେନା, ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ସେନାପତି, ପ୍ରାକ୍ତନ ସମିତି ସଭ୍ୟ ପ୍ରଣବ ରାଉତ, ଯୁବନେତା ସ୍ୱରାଜ ମହାପାତ୍ର, ରାଜେଶ ବିଶ୍ୱାଳ, ରଙ୍ଗାଧର ରାଉତ, ଦିଲ୍ଲିପ ସାହୁ, ପ୍ରଦୀପ ସାହୁ, କୈଳାସ ସାହୁ, ବିବେକାନନ୍ଦ ସାହୁଙ୍କ ସମେତ ପୁରୁଷ ଓ ମହିଳାଙ୍କୁ ଜିଲ୍ଲାପାଳ ପ୍ରତିଶ୍ରୁତି ଦୃଷ୍ଟିରୁ ଧାରଣା ପ୍ରତ୍ୟାହାର ପାଇଁ ଅନୁରୋଧ କରିଥିଲେ । ଏହାକୁ ଗ୍ରହଣ କରି ଧାରଣାକୁ ସ୍ଥଗିତ କରାଗଲା ବୋଲି ଶ୍ରୀ ଧଳ ଘୋଷଣା କରିଥିଲେ ।

## ଦୋକାନ ଘରକୁ ଲାଇନ ଦେବାକୁ, ଲାଂଚ ନେଇ ଭିଜିଲାନ୍ସ ହାବୁଡରେ ପଡିଲେ ଲାଇନ ମ୍ୟାନ

କନ୍ଧମାଳ,(ପି.ଏନ): କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ଅଂଚଳର ଛତିଝାର ଗ୍ରାମର ଜଣେ କିରାନା ଦୋକାନୀଙ୍କ ଦୋକାନକୁ ବିଦ୍ୟୁତ ସଂଯୋଗ କରାଇଦେବାକୁ ୫ ହଜାର ଟଙ୍କା ଲାଂଚ ମାଗିବା, ଏବଂ ତାଙ୍କଠାରୁ ଆଜି ଦାବି କରିଥିବା ନଗଦ ଅର୍ଥ ତାଙ୍କ ଦୋକାନରୁ ନେବାବେଳେ ଭିଜିଲାନ୍ସ ବିଭାଗ ହାବୁଡରେ ପଡିଛନ୍ତି ଟିପିଏସଓଡିଏଲ ର ଟିକାବାଲି ବିଦ୍ୟୁତ ସେକ୍ସନର ଜଣେ ଲାଇନମ୍ୟାନ । ଭିଜିଲାନ୍ସ ବିଭାଗ ତାଙ୍କଠାରୁ ସମସ୍ତ ୫ ହଜାର ଟଙ୍କା ଜବତ କରିବା ସହିତ ତାଙ୍କୁ ଗିରଫ କରିଛି । ଗିରଫ ଲାଇନ ମ୍ୟାନ ଜଣକର ଘର ଗଞ୍ଜାମ ଜିଲ୍ଲା ଖଲିକୋଟ ଥାନା ଅନ୍ତର୍ଗତ ନୁତନଗୁରାଣ୍ଡି ଗାଁର କାଳୁଚରଣ ପଲେଇ ବୋଲି ଜଣାପଡିଛି । ସେ ବିଭାଗରେ ଜଣେ ଏ ଗ୍ରେଡର ଲାଇନମ୍ୟାନ ଭାବରେ କାର୍ଯ୍ୟରତ ଅଛନ୍ତି । ସୂଚନା ଅନୁସାରେ ଛତିଝାର ଗାଁର ରିଙ୍କୁ ଭୁକ୍ତା,ତାଙ୍କ କିରାଣା ଦୋକାନକୁ ବିଦ୍ୟୁତ ସଂଯୋଗ କରିବାକୁ ବିଭାଗରେ ଆବେଦନ କରିବା ସହିତ, ନିୟମ ଅନୁସାରେ ଟଙ୍କା ମଧ ପଇଠ କରିଥିଲେ । ତାଙ୍କ ଦୋକାନକୁ ଶିଘ୍ର ବିଦ୍ୟୁତ ସଂଯୋଗ କରାଇବାକୁ ରିଙ୍କୁ କାଳୁଚରଣଙ୍କୁ ଅନୁରୋଧ କରିଥିଲେ । ଏଥିପାଇଁ ୫ ହଜାର ଟଙ୍କା ଲାଂଚ ଦାବୀ କରିଥିଲେ କାଳୁଚରଣ । ଏହି ବାବଦରେ ରିଙ୍କୁ,ବ୍ରହ୍ମପୁର ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ । ଭିଜିଲାନ୍ସ ଏହି ସଂକ୍ରାନ୍ତରେ ଏକ ମାମଲା ୨୫/ ୨୨ ରୁଜୁ କରିଥିଲା । ସହିତ ଆଜି ଅପରାହ୍ନ ୧.୩୦ ମିନିଟରେ ରେ ରିଙ୍କୁ,ଭିଜିଲାନ୍ସର ଯୋଜନା ଅନୁସାରେ, କାଳୁଚରଣକୁ ତାଙ୍କ ଦାବୀ ମୁତାବକ ଲାଂଚ ୫ ହଜାର ଟଙ୍କା ଦେବାକୁ କହିବାରେ କାଳୁଚରଣ ଆସି ତାଙ୍କ ଦୋକାନରୁ ଏହି ଟଙ୍କା ନେବାବେଳେ ଭିଜିଲାନ୍ସ ଡିଏସପି ଅରୁଣ କୁମାର ନାୟକଙ୍କ ନେତୃତ୍ୱରେ ତାଙ୍କ ଟିମ୍ ସମସ୍ତ ଟଙ୍କା ସମେତ ତାଙ୍କୁ କାବୁ କରିଥିଲେ । କାଳୁଚରଣକୁ ଆଜି କୋର୍ଟ ଚାଲାଣ କରାଯାଇଛି ।

## ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଆଗମନ ଶତବାର୍ଷିକୀ ପ୍ରସ୍ତୁତି ବୈଠକ

ପୁରୀ,(ପି.ଏନ):ଠାକୁର ଅନୁକୂଳ ଚନ୍ଦ୍ର ପୁରୀ କୁ ୧୯୨୩ ମସିହା ଜାନୁଆରୀ ମାସ ରେ ଆଗମନ କରିଥିଲେ ।ଏହି ଆଗମନର ୧୦୧ ବର୍ଷ ପୂର୍ତି ପାଳନ ନିମିତ ଏକ ପ୍ରସ୍ତୁତି ବୈଠକ ସର୍କିଟ ହାଉସ ଠାରେ ଆଜି ଅପରାହ୍ନ ରେ ଅନୁଷ୍ଠିତ ହୋଇଥିଲା ।ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରି ଆସନ୍ତା ଜାନୁୟାରୀ ୮ ତାରିଖରେ ଏହି ଆଗମନ ଦିବସ କୁ ପାଳନ କରିବାକୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର ଉତ୍ସବ କମିଟି ପ୍ରଶାସନ କୁ ଅନୁରୋଧ କରିଛନ୍ତି ।ତେଣୁ ଏହାକୁ ଶୃଙ୍ଖଳା ର ସହ ପରିଚାଳନା ପାଇଁ ବିଭିନ୍ନ ବିଭାଗ ସହଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ ।ଏହି କାର ?ୟକ୍ରମ ତାଳବଣିଆ ଠାରେ ଆୟୋଜିତ ହେବ । ତେଣୁ ଆଇନ ଶୃଙ୍ଖଳା ବ୍ୟବସ୍ଥା, ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ ବ୍ୟବସ୍ଥା, ବିଦ୍ୟୁତ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା,ଗାଡି ପାର୍କିଂ ଓ ଟ୍ରାଫିକ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥାକୁ ସୁନିୟନ୍ତିତ କରିବାକୁ ସେ ପରାମର୍ଶ ଦେଇଥିଲେ ।

## ବାଲ୍ୟବିବାହ ଏକ ସାମାଜିକ ବ୍ୟାଧି

ପୁରୀ, (ପି.ଏନ): ବାଲ୍ୟବିବାହ ଏକ ସାମାଜିକ ବ୍ୟାଧି ।ଏହାକୁ ରୋକିବା ଆମ ସମସ୍ତଙ୍କର ସାମାଜିକ ଦାୟିତ୍ୱ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶ୍ରୀ ପ୍ରଦୀପ କୁମାର ସାହୁ ।ଆଜି ପୂର୍ବାହ୍ନ ରେ ଜିଲ୍ଲା ପ୍ରଶାସନ, ୟୁନିସେଫ୍, ଆକ୍ସନ ଏଡ୍ ,ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଓ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ବାଲ୍ୟବିବାହ ନିରୋଧ ସମ୍ପର୍କରେ ଏକ କର୍ମଶାଳା ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ସାହୁ ବିବାହ ଏକ ସାମାଜିକ ପବିତ୍ର କର୍ମ । ଏହାକୁ ସମ୍ପର୍ଣ୍ଣ ପାଇଁ ସାମାଜିକ ଓ ଆଇନଗତ ବ୍ୟବସ୍ଥା ରହିଛି । ତେଣୁ ଆଇନାନୁମୋଦିତ ବୟସ ଅନୁସାରେ ବିବାହ କାର ?ୟ ହେବା ବିଧେୟ । ଏହାର ଉଲ୍ଲଙ୍ଘନ ପାଇଁ ନିୟମ ଅନୁଯାୟୀ କାର ?ୟାନୁଷ୍ଠାନ ପ୍ରାବଧାନ ରହିଥିବାରୁ ଏହାର ବ୍ୟାପକ ସଚେତନତା ସୃଷ୍ଟି ଜରୁରୀ ବୋଲି କହିଥିଲେ । ଅତିରିକ୍ତ ଏସ ପି ପ୍ରଫୁଲ୍ଲ ଚନ୍ଦ୍ର ବଡଜେନା ବାଲ୍ୟବିବାହ ଓ ଶିଶୁ ସୁରକ୍ଷାକୁ ରୋକିବା ପାଇଁ ସରକାର ଅନେକ ପଦକ୍ଷେପ ନିଆଯାଇଛି । ଏଥିପାଇଁ ଶିଶୁ ସୁରକ୍ଷା ଆଇନ ରେ ଏକାଧିକ ବାର ସଂଶୋଧନ ମଧ ହୋଇଛି । ପୋଲିସ ଏଥିରେ ସମସ୍ତ ସହଯୋଗ ଯୋଗାଇ ଦେଉଛି ବୋଲି ସେ କହିଥିଲେ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଚିନ୍ମୟୀ ରଥ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି କର୍ମଶାଳାରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଶିଶୁ ମଙ୍ଗଳ କମିଟି ର ଅଧ୍ୟକ୍ଷ ଶ୍ରୀ ମହାବୀର ରୁଦ୍ର ନାରାୟଣ ସାହୁ, ସଦସ୍ୟ ରାମ ଶଙ୍କର ପାତ୍ର,ଚାଇଲ୍ଡ ଲାଇନ ର ନିର୍ଦ୍ଦେଶକ ଶ୍ରୀ ଦେବାଶିଷ ରଥ,କଳିଙ୍ଗ ବୈଶ୍ୟ ସମାଜ ମହିଳା ମହାସଂଘ ର ସଭାପତି ଗାୟତ୍ରୀ ପାତ୍ର, ଲିଙ୍ଗରାଜ ମହାରଣା, ନିମାପଡା ଜାମା ମସଜିଦ ର ମୌଲବୀ ଅବଦୁଲ କାଦିର,ଯାଦବ ମହାସଂଘ ସଭାପତି ରମେଶ ଚନ୍ଦ୍ର ବେହେରା, ପିପିଲି ବାପଟିଷ୍ଟ ଚର୍ଚ୍ଚର ଫାଦର,ବିଭିନ୍ନ ବ୍ଲକ ର ସିଡିପିଓ, ବିଭିନ୍ନ ଜାତି ସମ୍ପ୍ରଦାୟର ନେତୃମଣ୍ଡଳୀ,ଶିଶୁ ସୁରକ୍ଷା ୟୁନିଟ ର କର୍ମକର୍ତା ପ୍ରମୁଖ ଯୋଗ ଦେଇ ବାଲ୍ୟବିବାହ ର କାରଣ ନିରାକରଣ ଓ ସଚେତନତା ସମ୍ପର୍କରେ ଆଲୋକପାତ କରିଥିଲେ ।ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ମନୋଜ କୁମାର ତ୍ରିପାଠୀ କର୍ମଶାଳା ପରିଚାଳନା କରିଥିବା ବେଳେ ଆକ୍ସନ ଏଡର ଜିଲ୍ଲା ସଂଯୋଜକ ସୁମିତା ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ ।

## ଏଏସପି ପଦୋନ୍ନତି ଉପରେ ରହିତାଦେଶ

ଭୁବନେଶ୍ୱର,(ପି.ଏନ): ଏଏସପି ପଦୋନ୍ନତି ଉପରେ ରହିତାଦେଶ ଲଗାଇଛନ୍ତି ହାଇକୋର୍ଟ । ଓପିଏସସି ପକ୍ଷରୁ ଜାରି ଡିଏସପିରୁ ଅତିରିକ୍ତ ଏସପିକୁ ପଦୋନ୍ନତି ବିଜ୍ଞପ୍ତିରେ ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି । ଏହା ପରବର୍ତୀ ଶୁଣାଣି ଯାଏଁ କିଛି ପଦକ୍ଷେପ ନ ନେବାକୁ ଓପିଏସସିକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ ।ପ୍ରମୋଟି ଡିଏସପିଙ୍କୁ ଏଏସପି ପଦୋନ୍ନତି ସଂପର୍କିତ ବିଜ୍ଞପ୍ତି ନେଇ ମାମଲା ହୋଇଥିଲା ।

## ଏକ ଶୃଙ୍ଖଳିତ ସମାଜ ପାଇଁ ଶିକ୍ଷାନୁଷ୍ଠାନ ତମାଖୁମୁକ୍ତ ହେବା ପ୍ରଥମ ଆବଶ୍ୟକତା

ପୁରୀ,(ପି.ଏନ):ଏକ ଶୃଙ୍ଖଳିତ ସମାଜ ପାଇଁ ଶିକ୍ଷାନୁଷ୍ଠାନ ଗୁଡିକ ପ୍ରଥମେ ତମାଖୁମୁକ୍ତ ହେବା ଆବଶ୍ୟକ ବୋଲି କହିଛନ୍ତି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ର କୁଳପତି ରବିନ୍ଦ୍ର କୁମାର ପଣ୍ଡା । ଜାତୀୟ ସ୍ୱାସ୍ଥ୍ୟ ମିଶନ, ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ଜିଲ୍ଲା ତମାଖୁ ନିୟନ୍ତ୍ରଣ ବିଭାଗ ର ମିଳିତ ସହଯୋଗରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାର ୪୧ ଜଣ ଜାତୀୟ ସେବା ସଂସ୍ଥା ର କାର୍ଯ୍ୟକ୍ରମ ଅଧିକାରୀଙ୍କୁ ନେଇ ଜାତୀୟ ତମାଖୁ ନିୟନ୍ତ୍ରଣ କାର ?ୟକ୍ରମ ଆନୁକୁଲ୍ୟରେ ତମାଖୁମୁକ୍ତ ଶିକ୍ଷାଂଚଳ ଶୀର୍ଷକ ତାଲିମ୍, ଅନୁସ୍ଥାପନ ଓ ଆଲୋଚନା ଚକ୍ର କୁ ଉଦଘାଟନ କରି ଶ୍ରୀପଣ୍ଡା,ତମାଖୁ ର ଭୟାବହତା ଓ କ୍ୟାନସର ରୋଗୀ ଉପରେ ବକ୍ତବ୍ୟ ରଖିଥିଲେ । ଏଥିରେ ଡାକ୍ତର ବିରଜା ଶଂକର ରଥ, ଡାକ୍ତର ଲଳିତ କୁମାର ଦାସ, ଡିଏସପି ମନୋବ୍ରତା ଶତପଥୀ,କମିଟି ସଭ୍ୟ ତଥା ସମାଜସେବୀ ବଦ୍ରି ହମିଶ୍ର, ରାଷ୍ଟ୍ରୀୟ ବାଲ୍ୟ ସ୍ୱାସ୍ଥ୍ୟ ସମିତି ର ପ୍ରଶାନ୍ତ ପରିଜା,ପିଜି କାଉନସିଲ ଅଧ୍ୟକ୍ଷ ଶତୃଘ୍ନ ପାଣିଗ୍ରାହୀ, ଜିଲ୍ଲା ଏନ୍ଏସଏସ ର କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ଜଗବନ୍ଧୁ ମିଶ୍ର ଓ ସଭ୍ୟ ମଧୁସୂଦନ ମିଶ୍ର ଅତିଥି ଭାବେ ଯୋଗଦେଇ ତମାଖୁ ବିକ୍ରୀ, ଶିକ୍ଷାନୁଷ୍ଠାନ ଓ ସରକାରୀ-ବେସରକାରୀ କାର୍ଯ୍ୟାଳୟ କୁ ସଂପୂର୍ଣ୍ଣ ତମାଖୁମୁକ୍ତ,କୋଟପା ଆଇନ୍ ର କାର୍ଯ୍ୟକାରିତା, ବିଜ୍ଞାପନ ରେ ସତର୍କ ସୂଚନା, ତମାଖୁ ସେବନରେ କ୍ୟାନସର,ହୃଦରୋଗ ,ଯକୃତ ରୋଗ ସହ ପରିବାର ବିଶୃଙ୍ଖଳା ଉପରେ ମତାମତ ରଖିଥିଲେ । ଏହି କାର୍ଯ୍ୟକ୍ରମ ରେ ତମାଖୁ ନିୟନ୍ତ୍ରଣ ଜନିତ ପରିସଂଖ୍ୟାନ ଓ ତଥ୍ୟ ଉପରେ ଭିଜୁଆଲ ଚଳଚିତ୍ର ପ୍ରଦର୍ଶିତ ହୋଇଥିଲା ।ଏହି କାର୍ଯ୍ୟକ୍ରମ କୁ ପରିଚାଳନା କରି ଜିଲ୍ଲା ତମାଖୁ ନିୟନ୍ତ୍ରଣ ପରାମର୍ଶଦାତା ଡକ୍ଟର ସୁଶାନ୍ତ କୁମାର ବିଶ୍ୱାଳ, ଆଗାମୀ ଦିନରେ ଜିଲ୍ଲାର ୪୧ଟି ମହାବିଦ୍ୟାଳୟ ଓ ୨୭ଟି ବିଦ୍ୟାଳୟ ରେ ତମାଖୁ ବର୍ଜନ ସଚେତନତା କାର୍ଯ୍ୟକ୍ରମ ସହ ଏଦିଗରେ ସଫଳ ଶିକ୍ଷାନୁଷ୍ଠାନମାନଙ୍କୁ ପୁରସ୍କାର ପ୍ରଦାନ ସଂପର୍କ ରେ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ପବିତ୍ର ମୋହନ ଦାଶ,ଡାକ୍ତର ସ୍ନେହମୟୀ ମିଶ୍ର, ପ୍ରାଧ୍ୟାପକ ବସନ୍ତ କୁମାର ମିଶ୍ର, ବିଶ୍ୱରଂଜନ ପତି, ଲକ୍ଷ୍ମୀଧର ପଣ୍ଡା ଶଂକର୍ଷଣ ପ୍ରଧାନ, ଅକ୍ଷୟ କୁମାର ରାଉଳ,କଲ୍ୟାଣୀ ନନ୍ଦୀ ଓ ଅମିତ ପାତ୍ର ନିଜର ମତାମତ ରଖିଥିଲେ ।ଏହି କାର୍ଯ୍ୟକ୍ରମ ରେ ବିଶ୍ୱବିଦ୍ୟାଳୟ ର ଅନେକ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ । ଶ୍ରୀ ମନୋଜ କୁମାର ପଣ୍ଡା କାର ?ୟକ୍ରମ ସଂଚାଳନ କରିଥିଲେ ।

## ବାଲିଯାତ୍ରାର ସ୍ପେଶାଲ ଅଡିଟ କରାଯାଉ

କଟକ/ଭୁବନେଶ୍ୱର, (ପି.ଏନ): କଟକ ବାଲିଯାତ୍ରାକୁ ନେଇ ବିବାଦ ଉଠିଛି । ଏଥର ବାଲିଯାତ୍ରାରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ଓ କେତେ ଆୟ ହୋଇଛି ତାହା ସର୍ବସମ୍ମୁଖକୁ ଆସିବା ଦରକାର । ସମ୍ପୂର୍ଣ୍ଣ ବାଲିଯାତ୍ରାକୁ ସ୍ପେଶାଲ ଅଡିଟ କରାଯାଉ । ସେହିପରି ବାଲିଯାତ୍ରାରେ ଜିଲ୍ଲା ପ୍ରଶାସନର ମନମୁଖୀ କାର୍ଯ୍ୟକ୍ରମକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଉଭୟ ମହାନଗର ପୂଜା କମିଟି ଓ ଶାନ୍ତି କମିଟି । ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ ତ୍ରିପାଠୀ କହିଛନ୍ତି, ଗୋଟିଏ ପଟେ ବ୍ୟବସାୟ ଅନ୍ୟପଟେ ମଂଚରେ ସାଂସ୍କୃତିକ କାର୍ଯ୍ୟକ୍ରମରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ତାହା ସମସ୍ତେ ଜାଣିବାର ଅଧିକାର ରହିଛି । ନିମନ୍ତ୍ରଣ କରାଯାଇଥିବା ଅତିଥି ଚୟନ, ନିମନ୍ତ୍ରଣ ପତ୍ର ବଂଟନରେ ବିଭ୍ରାଟ, ମଂଚର ନାମକରଣ, ଅଶ୍ଳୀଳ ସଙ୍ଗୀତ ପରିବେଷଣ କରାଯିବା ଘଟଣା ଘଟିଛି । ଏହା ରାଜ୍ୟବାସୀଙ୍କୁ ଶକ୍ତ ଆଘାତ ଦେଇଛି । ଏହାଛଡ଼ା ଉତ୍କଳ ଗୌରବ ମଧୁସଦନ ଦାସଙ୍କ ନାଁ ରେ ମଧୁମଂଚ କରିବା ପାଇଁ ବାଲିଯାତ୍ରାରେ ଜାଗା ଟିକେ ନ ମିଳିବା ଦୁର୍ଭାଗ୍ୟଜନକ । ପଥୋତ୍ସବକୁ ଯେମିତି ରାଜନୀତିକରଣ କରାଯାଇଛି,ବାଲିଯାତ୍ରା ମଂଚରେ ରାଜନୈତିକ ଦଳର ପ୍ରଚାର ପ୍ରସାର କରାଯାଇଛି । ଏହା ଓଡ଼ିଶାବାସୀଙ୍କ ଅସ୍ମିତା ପ୍ରତି ପଦାଘାତ । ବାଲିଯାତ୍ରରେ ନବୀନ ବନ୍ଦନା ଗାନ ବି ଠିକ୍ ହୋଇନାହିଁ ବୋଲଇ ଶ୍ରୀ ତ୍ରିପାଠୀ କହିଛନ୍ତି ।ଜିଲ୍ଲା ପ୍ରଶାସନକୁ ଟାର୍ଗେଟ କରି ପ୍ରଭାତ କହିଛନ୍ତି, କଟକ ବାଲିଯାତ୍ରା ଆୟୋଜନରେ ବ୍ୟାପକ ଦୁର୍ନୀତି ହୋଇଛି । ପ୍ଲଟ ବଂଟନଠୁ ଆରମ୍ଭ କରି ଏହାର ଦର ନିର୍ଦ୍ଧାରଣ, ବ୍ୟକ୍ତି ଚୟନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କ୍ଷେତ୍ରରେ ବିଭ୍ରାଟ ହୋଇଛି । ବାଲିଯାତ୍ରାରେ ପ୍ଲଟ୍ ଦର ବୃଦ୍ଧି କରିବା ପୂର୍ବରୁ ଆଲୋଚନା କରିବାର ଥିଲା । କିନ୍ତୁ ଜିଲ୍ଲା ପ୍ରଶାସନ କୌଣସି ଆଲୋଚନା କଲା ନାହିଁ । ପ୍ଲଟ୍ ଦର ବୃଦ୍ଧି ହେବା ଯୋଗୁ ଯେଉଁମାନେ ପ୍ରତିବର୍ଷ ପ୍ଲଟ୍ କିଣନ୍ତି, ସେମାନେ କିଣିପାରିଲେ ନାହିଁ । ବଡ଼ବଡ଼ିଆ ଲୋକ ପ୍ଲଟ୍ କିଣିଲେ । ଯାହାଫଳରେ ବାଲିଯାତ୍ରାରୁ ବ୍ୟବସାୟ କରି ପ୍ରତିବର୍ଷ ଦୁଇ ପଇସା ରୋଜଗାର କରୁଥିବା ଲୋକମାନଙ୍କର କିଛି ଲାଭ ହେଲା ନାହିଁ । ଜନପ୍ରତିନିଧି ଓ ସ୍ଥାନୀୟ ଲୋକଙ୍କୁ ସାମିଲ ନ କରି ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଏକଚାଟିଆ ନିଷ୍ପତି ନେଇଥିବାରୁ ଏପରି ହୋଇଛି ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray